ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୪ ନଭେମ୍ବର ୨୦୨୧



### ସତ୍ୟସାଇଙ୍କ ଜନ୍ମବାର୍ଷିକ ପାଳିତ

ବାଲିପାଟଣା,(ଡି.ଏନ୍.ଏ.): ସତ୍ୟସାଇ ବାବାଙ୍କ ୯୬ତମ ଜନ୍ମବାର୍ଷିକ ବାଲିପାଟଣାସ୍ଥିତ ଶିଶୁଅନନ୍ତ ପୀଠରେ ପାଳିତ ହୋଇଯାଇଛି। ସଙ୍ଗଠନର ବରିଷ୍ଠ ସଭ୍ୟ ଶିବ ଚରଣ ମୁଦୁଲିଙ୍କ ନେତୃତ୍ୱରେ ବାଲିପାଟଣା ଶାଖାର ବରିଷ୍ଠ ସଭ୍ୟ ନିଜ ମତ ରଖିଥିଲେ। ବାବାଙ୍କ ମୁଖ୍ୟ ଜନ ନାରାୟଣ ସେବାକୁ ଗୁରୁତ୍ୱ ଦିଆଯାଇ ସେବା କାର୍ଯ୍ୟ ଜାରି ରହିବ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ଗ୍ରାମ ପରିକ୍ରମା, ଭଜନ କୀର୍ତ୍ତନ କରାଯାଇଥିଲା। କଣ୍ଠ ଶିଳ୍ପୀ ରବି କୁମାର ଓ ସାଥୀ ଭଜନ ପରିବେଷଣ କରିଥିଲେ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଦଳିତ ଆଦିବାସୀ ସୁରକ୍ଷା ମଞ୍ଚ ପକ୍ଷରୁ ଶୋଭାଯାତ୍ରା ଓ ଧାରଣା, କଂଗ୍ରେସ ଭବନ ସମ୍ମୁଖରୁ ଲୋୟର ପିଏମ୍‌ଜି, ପୂର୍ବାହ୍ନ ୧୧ଟା।
- ହେଲ୍ମେଟ୍ ସଂଗଠନ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ, ବୁଦ୍ଧ ମନ୍ଦିର, ଏମ୍‌ବିଏସ୍ ସ୍କୁଲ ନିକଟ, ସନ୍ଧ୍ୟା ୬ଟା ୩୦।
- ଆର୍ଟ ଭିଜନ ପକ୍ଷରୁ ୧୭ତମ ସଙ୍ଗମ ନୃତ୍ୟର ଆସର, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

# ନାଇଜେରିଆନ ଗ୍ୟାଙ୍ଗ୍ ସଦସ୍ୟ ଗିରଫ

### ଓକାକ୍ ସିଇଓଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ ଘଟଣାରେ ସମ୍ପୃକ୍ତି ସନ୍ଦେହ

■ବେଙ୍ଗାଲୁରୁରୁ ଧରିଲା ଦିଲ୍ଲୀ ପୋଲିସ
■ପଚରାଉଚରା ପାଇଁ ଦିଲ୍ଲୀରେ ପହଞ୍ଚିଲା ଓଡ଼ିଶା କ୍ରାଇମବ୍ରାଞ୍ଚ ଟିମ୍

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ସାଇବର ଠକେଇରେ ସମ୍ପୃକ୍ତ ନାଇଜେରିଆନ ଗ୍ୟାଙ୍ଗ୍‌ର ଆଉଜଣେ ସଦସ୍ୟଙ୍କୁ ଦିଲ୍ଲୀ ପୋଲିସ ବେଙ୍ଗାଲୁରୁରୁ ଗିରଫ କରିଛି। ସେ ହେଲେ ଉକ୍‌ଉଦିରି ପାଶ୍ଚାଲ (୪୦)। ଦିଲ୍ଲୀ ପୋଲିସ ତାଙ୍କୁ ୮ଦିନିଆ ରିମାଣ୍ଡରେ ନେଇ ଜେରା କରୁଛି। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍)ର ସିଇଓ ତଥା ରାଜ୍ୟ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଆଇଟି ବିଭାଗର ଅତିରିକ୍ତ ସଚିବ ମନୋଜ କୁମାର ପଟ୍ଟନାୟକଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ କରି ୫ଜଣ ସମ୍ପର୍କୀୟଙ୍କଠାରୁ ୭ଲକ୍ଷ ଟଙ୍କା ଠକେଇ ଘଟଣାରେ ପାଶ୍ଚାଲଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ତାଙ୍କୁ ପଚରାଉଚରା ପାଇଁ ଓଡ଼ିଶା କ୍ରାଇମବ୍ରାଞ୍ଚର ୨ଜଣ ଟିମ୍ ମଙ୍ଗଳବାର ଦିଲ୍ଲୀରେ ପହଞ୍ଚିଥିବା ସୂଚନା ମିଳିଛି।

ପୂର୍ବରୁ ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ଚିମେଲିନ୍ ଇମାନୁଏଲ୍ ଆନିଏତାଲଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ଉକୁଦିରି ତାଙ୍କ ସହଯୋଗୀ ବୋଲି କୁହାଯାଉଛି। ଏନେଇ କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି, ଦିଲ୍ଲୀ ପୋଲିସ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ଓକାକ୍ ସିଇଓଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ ଘଟଣାରେ ସମ୍ପୃକ୍ତ ଅଛନ୍ତି ବୋଲି ସନ୍ଦେହ କରାଯାଉଛି। ସେଥିପାଇଁ ଏକ ୨ଜଣିଆ ଟିମ୍‌କୁ ଦିଲ୍ଲୀ ପଠାଯାଇଛି। ଉକ୍ତ ଟିମ୍ ଏନେଇ ସୂଚନା ଦେଲେ ଗଣମାଧ୍ୟମକୁ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୦ତାରିଖରେ ଏକ ଅଜଣା ନମ୍ବରରୁ ମନୋଜଙ୍କ ଫୋନ୍‌କୁ ଏକ କଲ୍ ଆସିଥିଲା। ହେଲେ ୩୦ ସେକେଣ୍ଡ ଧରି କେହି କିଛି ନ କହିବାରୁ ସେ ଉକ୍ତ କଲ୍‌କୁ କାଟି ଦେଇଥିଲେ। ପରେ ମନୋଜଙ୍କ ୫ଜଣ ସମ୍ପର୍କୀୟଙ୍କୁ ଫୋନ୍ କରି ଟଙ୍କା ମାଗି ନେଇଥିଲେ। ତଦନ୍ତ ସମୟରେ ହ୍ୱାଟ୍ସଆପ୍ ହ୍ୟାକ୍ କରାଯାଇଥିବା ଜାଣିବାକୁ ମିଳିଥିଲା। ଏନେଇ ଶହୀଦନଗର ଥାନାରେ ଅଭିଯୋଗ ହୋଇଥିଲା। କ୍ରାଇମବ୍ରାଞ୍ଚ ନିଜ ଆଡୁ ମାମଲା (ନଂ.୨୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## କୃତ୍ରିମ ବୌଦ୍ଧିକତା ମାନବୀୟ ବୌଦ୍ଧିକତାର ବିକଳ୍ପ ନୁହେଁ

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ଗଣମାଧ୍ୟମ ହେଉଛି ଧ୍ୟାନ ବା ସାଧନା ସଦୃଶ। ତଥ୍ୟ ପାଇବା ପାଇଁ ଅନ୍ତହୀନ ଭାବେ ବୌଦ୍ଧିକ ଅନୁସନ୍ଧାନ, ଉଦ୍‌ଭାବନ ଏବଂ ଧ୍ୟାନର ପରିଣାମ ହେଉଛି ଡିଜିଟାଲ ଟେକ୍ନୋଲୋଜିର ଆବିଷ୍କାର। ରାମାୟଣ ଓ ମହାଭାରତରେ ପଶୁ, ପକ୍ଷୀ, ଗଛ ଓ ପଥର ଇତ୍ୟାଦିଙ୍କ ମନର କଥାକୁ ଆଧ୍ୟାତ୍ମିକ ବଳରେ ଜାଣିପାରିବା ହେଉଛି ବର୍ତ୍ତମାନର ଡିଜିଟାଲ ଟେକ୍ନୋଲୋଜି। ମାତ୍ର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ୍ ବା କୃତ୍ରିମ ବୌଦ୍ଧିକତା କେବେ ବି ମାନବୀୟ ବୌଦ୍ଧିକତାର ବିକଳ୍ପ ନୁହେଁ ବୋଲି ମେଡିଆ ମଙ୍ଗଳବାର ମହାକୁମ୍ଭର ଉଦ୍‌ଯାପନ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ମୁଖ୍ୟବକ୍ତା ଭାବେ ପରୀର ସଂସ୍ଥାପକ ସମ୍ପାଦକ ପି. ସାଇନାଥ, ପ୍ରଫେସର ସୁଧୀର ଗାଭାନେ, ତେଜପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ସୁନୀଲକାନ୍ତ ବେହେରା, ମଣିପାଲ ଇନଷ୍ଟିଚ୍ୟୁଟ ଅଫ୍ କମ୍ୟୁନିକେଶନର ପ୍ରଫେସର ବି. ପି. ସଞ୍ଜୟ ଯୋଗଦେଇ 'ଗଣମାଧ୍ୟମ ଓ ଡିଜିଟାଲ ଟେକ୍ନୋଲୋଜି' ଉପରେ ମତବ୍ୟକ୍ତ କରିଥିଲେ।

**ଦ. ପୂ. ରେଳପଥ - ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଆର୍‌ଏସ୍‌ଓ-ସିକେପି-ଆର୍‌ଆର୍-ଜେଆର୍‌ଏଲ୍‌ଆଇ-୧୩, ତାରିଖ: ୨୨।୧୧।୨୦୨୧ ।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍-I: ଟେକ୍ନିକାଲ ବିଡ୍ ଏବଂ ପ୍ୟାକେଟ୍-II: ଫାଇନାନ୍ସିଆଲ ବିଡ୍)ରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ୧୦୯୬ ଦିନ ପାଇଁ ଜାରୋଲିଠାରେ ରନିଂ ରୁମ୍ ଏବଂ କ୍ରୁ ଓ ଗାର୍ଡ ଲବିର ଦେଖାରଖା । **ଟେଣ୍ଡର ମୂଲ୍ୟ:** ₹୧,୭୪,୦୬,୩୧୮.୪୬ । **ଇଏମ୍‌ଡି:** ଶୂନ୍ୟ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/- । **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଓପି)/ଚକ୍ରଧରପୁର, ଏସ୍.ଇ.ରେଳପଥ । **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୧୫।୧୨।୨୦୨୧ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୧୫।୧୨।୨୦୨୧ରିଖ ୧୫.୩୦ ଘଟିକା । ଇ-ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । ଇ-ଟେଣ୍ଡରିଂରେ କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରରେ ଭାଗ ନେବା ସମୟରେ ସମସ୍ତ ଆବଶ୍ୟକ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **(PR-434)**

## ସଂକ୍ଷେପରେ

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

### ନିର୍ଯାତନା ଅଭିଯୋଗ

**ଭୁବନେଶ୍ୱର,୨୩।୧୧(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଗାଡ଼କଣସ୍ଥିତ କଲ୍ୟାଣ ବସ୍ତିରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଭଦ୍ରକ ଜିଲା ପୀରହାଟ ଥାନାଞ୍ଚଳର ମଧୁସ୍ମିତା ନାୟକ ଓରଫ ଗେଲ୍ଲୀ (୨୦)। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଅପରପକ୍ଷରେ ଥାନାରେ ମହିଳାଙ୍କ ପରିବାର ଲୋକ ନିର୍ଯାତନା ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୪୯୮-ଏ, ୩୦୬, ୩୪ରେ ମାମଲା (ନଂ. ୩୮୩/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ମଧୁସ୍ମିତାଙ୍କ ସ୍ୱାମୀ ବଂଶୀଧର ରଙ୍ଗମିସ୍ତ୍ରୀ ଭାବେ କାମ କରନ୍ତି। ତାଙ୍କର ଏକ ୩ ବର୍ଷର ଝିଅଟିଏ ଅଛି। ବଂଶୀଧର ମଙ୍ଗଳବାର ସକାଳୁ କାମ କରିବାକୁ ବାହାରକୁ ଚାଲି ଯାଇଥିଲେ। ତେବେ ଏହି ସମୟରେ ମଧୁସ୍ମିତା ଏକ ଓଢଣୀରେ ଝୁଲୁଥିବା ଦେଖି ପଡୋଶୀ ଲୋକେ ସ୍ୱାମୀ ବଂଶୀଧରଙ୍କୁ ଖବର ଦେଇଥିଲେ। ସେ ଘରେ ପହଞ୍ଚିବା ପରେ ପୋଲିସକୁ ଜଣାଇଥିଲେ।

# ଗଣାବଜା, ଦେଶିଆ ନାଟରେ ଝୁମିଲେ ଦର୍ଶକ

### ଆମ ଲୋକକଳା ଆମ ସଂସ୍କୃତି

ଭୁବନେଶ୍ୱର ୨୩।୧୧(ବ୍ୟୁରୋ)

ଲୋକକଳାର ପ୍ରଚାର ଓ ପ୍ରସାର ପାଇଁ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଙ୍ଗଳବାର 'ଆମ ଲୋକକଳା ଆମ ସଂସ୍କୃତି' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲା ପଦମପୁରର ସଙ୍ଗୀତ ସମିତିର କଳାକାରଙ୍କ ଗଣାବଜା ଓ ରାୟଗଡ଼ା ଜିଲାର ଲୋକକଳା ଗ୍ରାମ ଗେଟିପଡ଼ାର ମା' ସନ୍ତୋଷୀ କଳା ପ୍ରତିଷ୍ଠାନ ପକ୍ଷରୁ ଦେଶିଆ ନାଟ ମନ ମୋହିଥିଲା। ଦର୍ଶକମାନେ ବଜା ଓ ନୃତ୍ୟର ତାଳେ ତାଳେ ଝୁମି ଉଠିଥିଲେ।

କାର୍ଯ୍ୟକ୍ରମରେ ଘୋଡ଼ାନାଚ ବିଶାରଦ ପଦ୍ମଶ୍ରୀ ଉଚ୍ଛବ ଦାସ, ଓଡିଶୀ ନୃତ୍ୟରେ ଓଡିଶାରୁ ଡକ୍ଟରେଟ ଡିଗ୍ରୀ ହାସଲ କରିଥିବା ପ୍ରଥମ ମହିଳାଚନ୍ଦନା ରାଉଳ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇ, ରାଜ୍ୟ କଳାକାର ସଂଘ ଉପସଭାପତି ଅବନୀ ମିଶ୍ର ଅତିଥି ରୂପେ ଯୋଗ ଦେଇଥିଲେ। ପଦ୍ମଶ୍ରୀ ଦାସ ଓଡ଼ିଶାର ଲୋକକଳା ଓ କଳାକାରଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବାରେ ରାଜ୍ୟ ସରକାର ନେଉଥିବା ପଦକ୍ଷେପର ଭୂୟସୀ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଅନନ୍ୟ କଳାରେ ପରିପୁଷ୍ଟ ଥିବା କଳାକାରଙ୍କୁ ଆଉ ବଣମଲ୍ଲୀ ରୂପେ ସେହି ବଣରେ ସୀମିତ ହୋଇ ରହିବାକୁ ଦିଆଯିବ ନାହିଁ ବୋଲି ନିର୍ଦ୍ଦେଶକ ଦାସ କହିଥିଲେ।



ମା' ସନ୍ତୋଷୀ କଳା ପ୍ରତିଷ୍ଠାନ ପକ୍ଷରୁ ଦେଶିଆ ନାଟ ପରିବେଷଣ କରାଯାଉଛି।

## ବସନ୍ତ ଓଡ଼ିଶା କଳା ଆନ୍ଦୋଳନର ଆଦ୍ୟ ଶିଳ୍ପୀ ଥିଲେ

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଦିବଂଗତ ଚିତ୍ରଶିଳ୍ପୀ ବସନ୍ତ ପଣ୍ଡାଙ୍କ ଶ୍ରାଦ୍ଧଦିବସ ମଙ୍ଗଳବାର ପାଳିତ ହୋଇଛି। ଏକାଡେମୀ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକାଡେମୀ ସଭାପତି ସୁଦର୍ଶନ ପଟ୍ଟନାୟକ ଯୋଗଦେଇ ସ୍ୱର୍ଗତ ବସନ୍ତ ଓଡ଼ିଶା କଳା ଆନ୍ଦୋଳନର ଜଣେ ଆଦ୍ୟ ଶିଳ୍ପୀ ଥିଲେ ବୋଲି କହିଥିଲେ। କଲିକତା ଆର୍ଟ ସ୍କୁଲରେ ପାଠ ପଢିବା ବେଳେ ସର୍ବଶ୍ରେଷ୍ଠ ଛାତ୍ରର ମାନ୍ୟତା ପାଇବା ସହ କଳାକ୍ଷେତ୍ରରେ ନିଜ ପ୍ରତିଭାର ବିକାଶ କରିଥିଲେ। ନିଜର ବିଶିଷ୍ଟ କଳା ପାଇଁ ଓଡ଼ିଶା ଲଳିତ କଳା ଏକାଡେମୀ ପୁରସ୍କାର ପାଇବା ସହ ଏକାଡେମୀର ଜେନେରାଲ କାଉନସିଲର ସଦସ୍ୟ ରହି ଓଡ଼ିଶା କଳାକ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଜଳରଙ୍ଗ ଚିତ୍ର ଏବଂ ପାରମ୍ପରିକ ଭାରତୀୟ ଚିତ୍ର ଶୈଳୀରେ ସୃଜନଶୀଳ ଢଙ୍ଗରେ ଉପସ୍ଥାପନା କରିବା ତାଙ୍କର ବୈଶିଷ୍ଟ୍ୟ ଥିଲା। ତାଙ୍କ ବିୟୋଗ କଳାଜଗତର ଅପୂରଣୀୟ କ୍ଷତି ଘଟାଇଛି ବୋଲି ବକ୍ତାମାନେ ମତ ଦେଇଥିଲେ। ସଚିବ ପଞ୍ଚାନନ ସାମଲ, ଶ୍ୟାମସୁନ୍ଦର ମହାପାତ୍ର, ପ୍ରସନ୍ନ ମିଶ୍ର, ମନୋରମା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଭିଡିଓ ଜର୍ନାଲିଷ୍ଟ ସୁବୋଧ ପାଣିଗ୍ରାହୀଙ୍କ ପରଲୋକ



**ଭୁବନେଶ୍ୱର, ୨୩।୧୧ (ବ୍ୟୁରୋ):** ନ୍ୟୁଜ୍୭ରେ କାର୍ଯ୍ୟରତ ଭିଡିଓ ଜର୍ନାଲିଷ୍ଟ ସୁବୋଧ ପାଣିଗ୍ରାହୀ (୫୨)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ସନ୍ଧ୍ୟାରେ ଡ୍ୟୁଟି ସାରି ଘରକୁ ଫେରିଥିଲେ। ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୁବୋଧଙ୍କ ଘର ବ୍ରହ୍ମପୁର ଗେଟ୍ ବଜାରରେ। ୨୦୦୬ରୁ ୨୦୧୪ ପର୍ଯ୍ୟନ୍ତ ନକ୍ଷେତ୍ର ଟିଭି ଓ ୨୦୧୪ରୁ ନ୍ୟୁଜ୍୭ରେ କାର୍ଯ୍ୟରତ ଥିଲେ। ଏହାପୂର୍ବରୁ ଏନ୍‌ଡି ଟିଭି ପାଇଁ ବ୍ରହ୍ମପୁରରେ କାମ କରିଛନ୍ତି। ଏଥିସହ ସେ କିଛି ଦିନ ଖବରକାଗଜରେ କାମ କରିଥିଲେ। ତାଙ୍କ ମୃତ୍ୟୁରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି।

# ଖବରକାଗଜ ବିତରକଙ୍କୁ ଛୁରାମାଡ଼ କରି ଲୁଟ୍

### ରାଜଧାନୀରେ ଲୁଟେରାଙ୍କ ଆତଙ୍କରାଜ

**ଭୁବନେଶ୍ୱର,୨୩।୧୧(ବ୍ୟୁରୋ):** ରାଜଧାନୀରେ ଲୁଟେରାଙ୍କ ଆତଙ୍କରାଜ ଦିନକୁ ଦିନ ବଢ଼ିବାରେ ଲାଗିଛି। ଶୂନଶାନ ସ୍ଥାନରେ ଲୋକଙ୍କୁ ଆକ୍ରମଣ କରି ଲୁଟ କରୁଛନ୍ତି। ବଡ଼ଗଡ଼ ଥାନା ଟଙ୍କପାଣିରୋଡ୍ ଗଙ୍ଗୁଆ ବ୍ରିଜ୍ ନିକଟରେ ମଙ୍ଗଳବାର ଜଣେ ଖବର ଖବରକାଗଜ ବିତରକ(ହକର)ଙ୍କୁ ଲୁଟେରାମାନେ ଛୁରାମାଡ଼ କରି ଲୁଟ୍ କରିଛନ୍ତି। ପାଖରେ ଥିବା ୨୫୦୦ ଟଙ୍କା ଓ ମୋବାଇଲ ଫୋନ୍ ଛଡ଼ାଇ ନେଇ ଯାଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ହକର ହେଲେ ବାଲିଅନ୍ତା ଥାନା ଭିଙ୍ଗାରପୁର ଶାସନ ଗ୍ରାମରେ ରହୁଥିବା ଅଶୋକ କୁମାର ପଣ୍ଡା। ଛୁରାମାଡ଼ରେ ଆହତ ଅଶୋକ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ପ୍ରାଥମିକ ଚିକିତ୍ସିତ ହେବା ପରେ ବଡ଼ଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଅଶୋକ ସବୁଦିନ ଭୋର ସମୟରେ ମାଷ୍ଟରକ୍ୟାଣ୍ଟିନ୍ ନିକଟ କାଉଣ୍ଟରରୁ ପେପର୍ ନିଅନ୍ତି। ମଙ୍ଗଳବାର ଭୋର ପ୍ରାୟ ୪ଟା ୧୦ରେ ସେ ଘରୁ ଏକ ବାଇକ୍‌ରେ ଟଙ୍କପାଣିରୋଡ୍ ଗଙ୍ଗୁଆ ବ୍ରିଜ୍ ନିକଟ ରାସ୍ତାରେ ଆସୁଥିବାବେଳେ ୩ଜଣ ଲୁଟେରା ତାଙ୍କୁ ପିଛା କରିଥିଲେ। ହଠାତ୍ ତାଙ୍କୁ ସେମାନେ ଧକ୍କା ଦେବାପରେ ସେ ତଳେ ପଡ଼ି ଯାଇଥିଲେ। ଜଣେ ଲୁଟେରା ତାଙ୍କ ମୁଣ୍ଡକୁ ଛୁରାମାଡ଼ କରିଥିଲେ ହେଲେ ହେଲ୍‌ମେଟ୍ ଥିବାରୁ ସେ ବର୍ତ୍ତି ଯାଇଥିଲେ। ସେତିକିବେଳେ ତାଙ୍କ ହାତକୁ ଆଉ ଥରେ ଛୁରା ମାଡ଼ କରି ପାଖରେ ଥିବା ୨୫୦୦ ଟଙ୍କା ସହ ମୋବାଇଲ୍ ଛଡ଼ାଇ ନେଇ ଫେରାର ହୋଇଯାଇଥିଲ। ପାଖରେ କେହି ଲୋକ ନ ଥିବାରୁ ସେ ବହୁତ କଷ୍ଟରେ ନିଜ ବାଇକ୍‌ରେ କ୍ୟାପିଟାଲ ମେଡିକାଲ ଯାଇଥିଲେ।

## ୭୫ ପୋଲିସ ଅଧିକାରୀଙ୍କୁ ସାଇବର ଅପରାଧ ମୁକାବିଲା ଟ୍ରେନିଂ

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ପୋଲିସ ଅଧିକାରୀଙ୍କୁ ସାଇବର ଅପରାଧ ସଂକ୍ରାନ୍ତ ୫ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ସାଇବର କମ୍ପ୍ଲେକ୍ସରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ବ୍ୟାଚ୍‌ରେ ୭୫ଜଣ ନବନିଯୁକ୍ତ ପୋଲିସ ଅଧିକାରୀଙ୍କୁ ଏହି ଟ୍ରେନିଂ ଦିଆଯାଉଛି। କାର୍ଯ୍ୟକ୍ରମକୁ ଏସ୍‌ଟିଏଫ୍ ଡିଆଇଜି ଜୟ ନାରାୟଣ ପଙ୍କଜ ଉଦ୍‌ଘାଟନ କରିଛନ୍ତି। ସୂଚନାଯୋଗ୍ୟ, ଦିନକୁ ଦିନ ସାଇବର ଅପରାଧ ବଢୁଥିବାରୁ ପୋଲିସର ଚିନ୍ତା ବଢ଼ିଯାଇଛି। ସାଇବର ଅପରାଧର ତଦନ୍ତ ଓ ନିୟନ୍ତ୍ରଣ ପାଇଁ ଦକ୍ଷତା ବଢ଼ାଇବାକୁ ରାଜ୍ୟ ପୋଲିସ ପକ୍ଷରୁ ଏପରି ଉଦ୍ୟମ କରାଯାଇଛି। ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଜାତୀୟ ପୋଲିସ ଏକାଡ଼େମୀ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହେଉଛି। ଉକ୍ତ ଏକାଡ଼େମୀର ଦୁଇଜଣ ଅଫିସର ଓଡ଼ିଶା ଆସିଥିବାବେଳେ ସେମାନେ ପର୍ଯ୍ୟାୟକ୍ରମେ ଟ୍ରେନିଂ ଦେବେ ବୋଲି ସୂଚନା ମିଳିଛି।

# ଡ୍ରାଇଭିଂ ପାଇଁ ମହିଳାଙ୍କୁ ପ୍ରେରଣା ଯୋଗାଉଛନ୍ତି ଭାରତୀ

### ବାଇକ୍‌ରେ ବୁଲିଲେଣି ୨୦ ସହର

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ମହିଳାମାନେ ଏବେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଉଛନ୍ତି। ପୁରୁଷପ୍ରାଧାନ୍ୟ କ୍ଷେତ୍ରରେ ମହିଳାମାନେ ପ୍ରବେଶ କରି ସାହସ ଓ ଦକ୍ଷତାର ପ୍ରମାଣ ଦେଉଛନ୍ତି। ମହିଳାମାନେ ଡ୍ରାଇଭିଂ ଶିଖି ଏହାକୁ ରୋଜଗାରର ମାଧ୍ୟମ କରିପାରିବେ। ଏଥିପ୍ରତି ମହିଳାଙ୍କୁ ପ୍ରେରଣା ଓ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟରୁ ରାଜ୍ୟ ଓ ସହରରୁ ସହର ବୁଲି ସଚେତନ କରୁଛନ୍ତି ସୁଶ୍ରୀ ଭାରତୀ। ସେ ହେଉଛନ୍ତି ମୁଭିଂ ୱିମେନ ସୋସିଆଲ ଇନିସିଏଟିଭ୍ ଫାଉଣ୍ଡେଶନ (ଏମ୍‌ଓଡବ୍ଲ୍ୟୁ)ର ପ୍ରତିଷ୍ଠାତ୍ରୀ। ବ୍ରିଟେନ ସଂସ୍ଥା ସେଲ୍ ଫାଉଣ୍ଡେଶନ ଓ ବ୍ରିଟେନ ସରକାରଙ୍କ ସହ ମିଶି ଏମ୍‌ଓଡବ୍ଲ୍ୟୁ ଆରମ୍ଭ କରିଥିବା ଜାତୀୟ ଅଭିଯାନ 'ମୁଭିଂ ବାଉଣ୍ଡ୍ରିଜ୍'ରେ ସୁଶ୍ରୀ ଏହି ଭ୍ରମଣ ଜାରି ରଖିଛନ୍ତି। ହାଇଦ୍ରାବାଦରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ସେ ୪୦ ଦିନରେ ୨୦ ସହର ବୁଲି ସାରିଲେଣି।



ହାଇଦ୍ରାବାଦରୁ ବେଙ୍ଗାଲୁରୁ, ଚେନ୍ନାଇ, କୋଚି, ଗୋଆ, ପୁଣେ, ମୁମ୍ବାଇ, ସୁରଟ, ଅହମ୍ମଦାବାଦ, ଉଦୟପୁର, ଅମୃତସର, ଶ୍ରୀନଗର, ଚଣ୍ଡିଗଡ଼, ନୂଆଦିଲ୍ଲୀ, ଲକ୍ଷ୍ନୌ, ଆହ୍ଲାବାଦ, ପାଟନା, ଗୌହାଟୀ, କୋଲକାତା ପରେ ଏବେ ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସେ ପାଖାପାଖି ୧୧,୦୦୦ କିମିରୁ ଊର୍ଦ୍ଧ୍ୱ ଯାତ୍ରା କରି ସାରିଲେଣି। ସେ କୁହନ୍ତି, ଡ୍ରାଇଭିଂରେ ମୁଖ୍ୟତଃ ପୁରୁଷଙ୍କର ଆଧିପତ୍ୟ ରହିଛି। ମହିଳାଙ୍କ ପାଇଁ ମଧ୍ୟ ଭରସାଯୋଗ୍ୟ ପରିବହନ ସୁବିଧା ଓ ନିଜସ୍ୱ ଗାଡ଼ି ଚଳାଇ ରୋଜଗାର କରିବାର ସମୟ ଆସିଛି। ମହିଳାଙ୍କୁ ଗାଡ଼ି ଚାଳନାରେ ପ୍ରଶିକ୍ଷଣ ଦେବା, ଟ୍ୟାକ୍ସି ଓ ଇ-ରିକ୍ସା ଡ୍ରାଇଭର କିମ୍ବା ଡେଲିଭରୀ ଏଜେଣ୍ଟ ଭାବେ କାର୍ଯ୍ୟ କରିବା ସହ ପରିବହନ ବ୍ୟବସାୟରେ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିବା ହେଉଛି 'ମୁଭିଂ ବାଉଣ୍ଡ୍ରିଜ୍' ଅଭିଯାନର ଉଦ୍ଦେଶ୍ୟ। ଏଥିସହ ଜୀବନର ସବୁ ପରିସ୍ଥିତିରେ ନିରାପଦ ଭାବେ ଯାତ୍ରା କରିବାକୁ ବାର୍ତ୍ତା ଦେଉଛି ଅଭିଯାନ। ସବୁ ପ୍ରକାର ଗାଡ଼ି ଚାଳନା ଶିଖିବା ଓ ନିଯୁକ୍ତି ପାଇବା ପାଇଁ +୯୧୮୮୫୯୧୬୬୦୬ ନମ୍ବରରେ ୟେସ୍ ଲେଖି ଜଣାଇଲେ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ସୁଶ୍ରୀ କହିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର



ସଂସ୍କୃତି ଉଦ୍ୟାନର ସୁଗନ୍ଧିତ ପୁଷ୍ପ ହେଉଛି ଲୋକକଳା
ନବୀନ ପଟ୍ଟନାୟକ

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସରକାର

**ବିଧାନସଭା ପକ୍ଷରୁ ନବକୃଷ୍ଣ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି**

**ଭୁବନେଶ୍ୱର:** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ୧୨୦ତମ ଜୟନ୍ତୀ ମଙ୍ଗଳବାର ବିଧାନସଭା ପକ୍ଷରୁ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ସମ୍ମାନିତ ଅତିଥି ଉପବାଚସ୍ପତି ରଜନୀକାନ୍ତ ସିଂ, ବିଧାୟକ ପ୍ରଫୁଲ୍ଲ ସାମଲ, ପ୍ରଶାନ୍ତ କୁମାର ମୁଦୁଲି ପ୍ରମୁଖ ଯୋଗଦେଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିଧାନସଭା ସଚିବ ଦାଶରଥି ଶତପଥୀ, ସମ୍ପାଦକ ଆଦିତ୍ୟ ପାତ୍ର, ସୂଚନା ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଉତ୍କଳ ସମ୍ମିଳନୀ ସଭାପତି ଦିଲୀପ ଦାଶଶର୍ମା ଯୋଗଦେଇଥିଲେ।

# ନବକୃଷ୍ଣ ଥିଲେ ନିଷ୍ପେଷିତଙ୍କ ପ୍ରକୃତ ବନ୍ଧୁ

## ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ମହାନ୍ ବିପ୍ଳବୀ, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ନିଷ୍ଠାପର କର୍ମୀ। ଓଡ଼ିଶାର ଦରିଦ୍ର, ଅବହେଳିତ ଓ ନିଷ୍ପେସିତ ବର୍ଗଙ୍କ ପ୍ରକୃତ ବନ୍ଧୁ। ସେ ସମ୍ଭ୍ରାନ୍ତ ଓ ଜମିଦାର ବଂଶର ହୋଇଥିଲେ ମଧ୍ୟ ସମାଜର ମୂଲିଆ ଓ ଦଳିତ ଲୋକଙ୍କ ପାଇଁ ସଂଗ୍ରାମ କରିଥିଲେ। ତାଙ୍କ ଆଦର୍ଶ ଓ ମାନବୀୟ ଗୁଣର ମୂଲ୍ୟବୋଧକୁ ବୁଝି ଆଜିର ଯୁବପିଢ଼ି ରାଜ୍ୟ ଓ ଦେଶର ବିକାଶ ପାଇଁ ବ୍ରତୀ ହେବାକୁ ଅତିଥିମାନେ କହିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ରାଜ୍ୟସ୍ତରୀୟ ନବକୃଷ୍ଣ ଚୌଧୁରୀ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ କହିଲେ, ନବକୃଷ୍ଣ କଠୋର ଜୀବନଶୈଳୀ, ନିଷ୍ଠା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ସେ ମାନବବାଦୀ ଓ ଦରିଦ୍ର ଲୋକଙ୍କ ହୃଦୟକୁ ଚିହ୍ନିବାରେ ସକ୍ଷମ ହୋଇପାରିଥିଲେ। ସମ୍ମାନିତ ଅତିଥି ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଯୋଗଦେଇ କହିଲେ, ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ଓଡିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିବା ନବକୃଷ୍ଣ ଚୌଧୁରୀ ପ୍ରଜାବତ୍ସଳ ଥିଲେ। ଆମେମାନେ ତାଙ୍କୁ ସ୍ମରଣ କରି ଦେଶ ଓ ଜାତି ପାଇଁ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଡ. ମହାନ୍ତି କହିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ଡ. ଜୟନ୍ତୀ ରଥ କହିଲେ, ଗାନ୍ଧୀ ଓ ଆଚାର୍ଯ୍ୟ ବିନୋବା ଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନବକୃଷ୍ଣ ଚୌଧୁରୀ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ଜମିଦାରି ପ୍ରଥା ଉଚ୍ଛେଦ, ସାମ୍ୟବାଦ ଧାରା ପ୍ରଚଳନଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରିତ୍ୱ କାଳରେ ରାଜ୍ୟର ବିଭିନ୍ନ ଉନ୍ନତି ସହ ନିଜ ଜୀବନରେ ସେବା ଓ ସାଧନାକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲେ ବୋଲି ସେ ପ୍ରକାଶ କରିଥିଲେ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡା ଧନ୍ୟବାଦ ଦେଇଥିବାବେଳେ ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ବିଧାୟକ ଅମର ପ୍ରସାଦ ଶତପଥୀ ଓ ଅନ୍ୟମାନେ।

# ଆନ୍ଧ୍ରରେ ଫସି ରହିଥିବା ଆଉ ୮ ଓଡ଼ିଶା ଫେରିଲେ

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ଆନ୍ଧ୍ର ପ୍ରଦେଶରେ ବନ୍ୟା ପରିସ୍ଥିତି ଯୋଗୁ ରାମେଶ୍ୱରମ୍ ଷ୍ଟେଶନରେ ଫସି ରହିଥିବା ସମସ୍ତ ୧୬ଜଣ ଓଡିଆ ତୀର୍ଥଯାତ୍ରୀ ଓଡ଼ିଶା ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ଗତ ସୋମବାର ୮ଜଣଙ୍କୁ ଓଡିଶା-ମୋ ପରିବାର ବିମାନ ଯୋଗେ ଭୁବନେଶ୍ୱରକୁ ଆଣିଥିଲା। ଓଡିଶା-ମୋ ପରିବାରର ଚେନ୍ନାଇ ପ୍ରତିନିଧି କ୍ଷୀରୋଦ ଜେନା ଏବଂ ସଦସ୍ୟ ପଞ୍ଚାନନ ଜେନା ସେମାନଙ୍କ ରହିବା ଓ ଖାଇବା ବନ୍ଦୋବସ୍ତ କରିଥିଲେ। ତେବେ ଆଉ ୮ଜଣ ମଙ୍ଗଳବାର ଅପରାହ୍ନ ୪ଟାରେ ଚେନ୍ନାଇରୁ ଭୁବନେଶ୍ୱର ଆସି ପହଞ୍ଚିଛନ୍ତି। ଓଡିଶା-ମୋ ପରିବାର ସଦସ୍ୟ ସୁଶାନ୍ତ ରାଉତ, ବିଜୁ ଜନତା ଦଳର ସମ୍ପାଦକ ସୁବାସ ପାତ୍ର, ଉପଦେଷ୍ଟା ବିବେକାନନ୍ଦ ପଟ୍ଟନାୟକ, ସ୍ୱାସ୍ଥ୍ୟ ଉପଦେଷ୍ଟା ଡ. ସତ୍ୟଜିତ ଦାଶ, ବିଜୁ ଯୁବ ଜନତା ଦଳ ସମ୍ପାଦିକା ଲଗ୍ନଦୀପା ମିଶ୍ର ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇଥିଲେ।

# ଆଜି ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ

ପୁରୀ ଅଫିସ,୨୩।୧୧

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିବେ। ଏଥିସହ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗଦେବେ। ସେହିପରି ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବେ। ଏହି ଅବସରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଜମି ଦେଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବା ସହ ପରିକ୍ରମା ପ୍ରକଳ୍ପର ଏକ ମଡେଲ ଅନାବରଣ ହେବ ବୋଲି ମଙ୍ଗଳବାର ଓଡ଼ିଶା ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ ଏଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଯଜ୍ଞଶାଳାରେ ମଙ୍ଗଳବାର ସକାଳେ ସୂର୍ଯ୍ୟପୂଜା, ଗୋପୂଜା ନୀତି, ଅଗ୍ନିପୂଜା ଆଦି ସମ୍ପନ୍ନ ହୋଇଛି। ସେହିପରି ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ୬ଟା ମଧ୍ୟରେ ଶିଳାସ୍ନାନ ଓ ଯଜ୍ଞ ଆଦି ଅନୁଷ୍ଠିତ ହୋଇଛି। ବୁଧବାର ସକାଳ ୭ରୁ ୯ଟା ୩୦ ପର୍ଯ୍ୟନ୍ତ ସୂର୍ଯ୍ୟପୂଜା, ଅଗ୍ନିପୂଜା ତଥା ଯଜ୍ଞବିଧି ହେବ। ପୂର୍ବାହ୍ନ ୯ଟା ୪୫ରୁ ୧୦ଟା ମଧ୍ୟରେ ଶିଳା ବିଜେ ହେବ। ୧୦ଟା ୧୫ରୁ ୧୦ଟା ୩୦ ମଧ୍ୟରେ ଶିଳା ସ୍ଥାପନ ଓ ପୁଷ୍ପାଞ୍ଜଳି ଦିଆଯିବ। ଶେଷରେ ଯଜ୍ଞର ପୂର୍ଣ୍ଣାହୁତି ହେବ। ଏହାପରେ ମୁଖ୍ୟମନ୍ତ୍ରୀ ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ପ୍ରଶାସନ ପକ୍ଷରୁ ଗତ ୨୧ ତାରିଖରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଶ୍ରୋତ୍ରିୟ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ହୋମଯଜ୍ଞ ଚାଲିଛି। ୨୪ ତାରିଖ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯୋଗଦେବା ନେଇ ପ୍ରସ୍ତୁତ ହୋଇଥିବା ଖସଡ଼ା ମୁତାବକ କାର୍ଯ୍ୟକ୍ରମକୁ ପରିଚାଳିତ କରାଯାଉଛି। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ସେହିପରି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରାୟ ୨୫ ପ୍ଲାଟୁନ୍ ପୋଲିସ ଫୋର୍ସ, ୩ଜଣ ଅତିରିକ୍ତ ଏସ୍‌ପି, ୧୦ ଜଣ ଡିଏସ୍‌ପି, ୪୦ ଜଣ ଇନ୍ସପେକ୍ଟର ଓ ଶହେରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। କିଛି ସମୟ ପାଇଁ ବଡ଼ଦାଣ୍ଡକୁ ନୋ ମ୍ୟାନ୍ ଲ୍ୟାଣ୍ଡରେ ପରିଣତ କରିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ଶ୍ରଦ୍ଧାଳୁଙ୍କ ଦର୍ଶନ ବ୍ୟବସ୍ଥା ଯେଉଁଭଳି ଭାବେ ବାଧାପ୍ରାପ୍ତ ନ ହୁଏ, ସେନେଇ ବ୍ୟବସ୍ଥା ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ବଡ଼ଦାଣ୍ଡରେ ମଧ୍ୟ କଟକଣା ରହିବ। ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଡାକ୍ତରଖାନା ଛକଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ବନ୍ଦ ରହିବ।


ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ ସୂଚନା ଦେଉଛନ୍ତି।




# ଆଜିଠୁ ଜନ୍ତୁ ରକ୍ଷକଙ୍କ ପ୍ରଶିକ୍ଷଣ ଶିବିର

**ବାରଙ୍ଗ,୨୩।୧୧(ଡି.ଏନ୍.ଏ.):** ଚିଡ଼ିଆଖାନାଗୁଡ଼ିକରେ ରହୁଥିବା ବନ୍ୟପ୍ରାଣୀଙ୍କ ଉପଯୁକ୍ତ ରକ୍ଷଣାବେକ୍ଷଣ ସହ ପରିମଳ ବ୍ୟବସ୍ଥା ଉପରେ କିପରି ଧ୍ୟାନ ଦିଆଯାଇପାରିବ ସେନେଇ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ନନ୍ଦନକାନନ ପ୍ରାଣୀଉଦ୍ୟାନ ସଭାଗୃହରେ ବୁଧବାରଠାରୁ ୩ଦିନିଆ ଜନ୍ତୁ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ। ଆଲିପୁର, ରାଞ୍ଚି, ନୟା ରାୟପୁର, ବିଲାସପୁର, ୱେଷ୍ଟବେଙ୍ଗଲ, ଦାର୍ଜିଲିଂ, ପାଟନା, ଆଣ୍ଡାମାନ, ଢେଙ୍କାନାଳ, ରାଉରକେଲା, ଟିକରପଡା, ନନ୍ଦନକାନନ ପ୍ରାଣୀଉଦ୍ୟାନ ଆଦି ଇଷ୍ଟର୍ନ ଜୋନର ୨୪ଟି ଚିଡିଆଖାନାର ଜନ୍ତୁ ରକ୍ଷକମାନେ ପ୍ରଶିକ୍ଷଣ ଶିବିରରେ ଯୋଗଦେଉଛନ୍ତି। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ଜଙ୍ଗଲ ଆଇଜି ଡ. ସୁନାଲି ଘୋଷ ଓ ବରିଷ୍ଠ ଜଙ୍ଗଲ ବିଭାଗ ଅଧିକାରୀ, ବନ୍ୟପ୍ରାଣୀ ଚିକିତ୍ସକ ସମେତ ଅଭିଜ୍ଞ ପଦାଧିକାରୀ ତାଲିମ ପ୍ରଦାନ କରିବେ। ଏହି ଶିବିରକୁ ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ନନ୍ଦନକାନନ ଉପନିର୍ଦ୍ଦେଶକ ଡ. ସଞ୍ଜିତ କୁମାର, ଶିକ୍ଷାଧିକାରୀ ମିଳନ ପଣ୍ଡା ପ୍ରମୁଖ ପରିଚାଳନା କରିବେ।




# ଏମ୍ଏସ୍ଏମ୍ଇ ରପ୍ତାନି ପୁରସ୍କାର ଚୟନ ପ୍ରକ୍ରିୟା ଘୁଞ୍ଚିଲା

ଭୁବନେଶ୍ୱର, ୨୩।୧୧(ବ୍ୟୁରୋ): ରପ୍ତାନି ପୁରସ୍କାର ଚୟନ ନିମନ୍ତେ ଆସିଥିବା ଆବେଦନଗୁଡ଼ିକର ସଂଖ୍ୟା ନଗଣ୍ୟ ରହିଛି। ଷ୍ଟାର୍ଟଅପ୍ ଓ ମହିଳା ଉଦ୍ୟୋଗୀ ବର୍ଗରୁ ଗୋଟିଏ ମଧ ଆବେଦନ ଆସି ନ ଥିବାରୁ ରପ୍ତାନି ପୁରସ୍କାର ଚୟନ ପ୍ରକ୍ରିୟାକୁ ଘୁଞ୍ଚାଇ ଦିଆଯାଇଛି। ଅଣୁ, କ୍ଷୁଦ୍ର ଓ ମଧମ ଉଦ୍ୟୋଗ (ଏମଏସଏମଇ) ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧକ୍ଷତାରେ ମଙ୍ଗଳବାର ହୋଇଥିବା ପୁରସ୍କାର ଚୟନ କମିଟି ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୁରସ୍କାର ପ୍ରଦାନ ସମ୍ବନ୍ଧରେ ସରକାରଙ୍କ ସମ୍ପୃକ୍ତ ସମସ୍ତ ବିଭାଗ, ରପ୍ତାନି ପ୍ରୋତ୍ସାହନ ପରିଷଦ ଏବଂ ଶିଳ୍ପ ପ୍ରତିଷ୍ଠାନ ସଂଘଗୁଡ଼ିକୁ ଅବଗତ କରାଯାଇ ଖବରକାଗଜ ମାଧମରେ ବିଜ୍ଞାପନ ଦିଆଯିବ। ଫଳରେ ଆବେଦନ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଇଛି।









## ସଂକ୍ଷେପରେ

### ରେଳ ଫାଟକରେ ଅଟକିଲା ରାଜ୍ୟପାଳଙ୍କ ଗାଡ଼ି

**ନିରାକାରପୁର,୨୩।୧୧(ଡି.ଏନ୍.ଏ.):** ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଇଁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପୁରୀ ଜିଲା କଣାସ ବ୍ଲକ୍ ଗଡଖାରଦ ପଞ୍ଚାୟତକୁ ମଙ୍ଗଳବାର ଅପରାହ୍ନରେ ଯାଉଥିଲେ। ତେବେ ନୂଆ ଜଗନ୍ନାଥ ସଡକରେ ଯିବା ବେଳେ ନିରାକାରପୁର ଠାରେ ନୂଆଜଗନ୍ନଥ ସଡକ ଉପରେ ରେଳ ବିଭାଗର ୨୧୯ନଂ. ଫାଟକ ଟ୍ରେନ୍ ଆସୁଥିବା ଯୋଗୁ ବନ୍ଦ ରହିଥିଲା। ଫଳରେ ରାଜ୍ୟପାଳଙ୍କ ଗାଡ଼ି ପ୍ରାୟ ୧୦ମିନିଟ ଅଟକି ରହିଥିଲା। ଟ୍ରେନ ଅତିକ୍ରମ କରିବା ପରେ ରାଜ୍ୟପାଳଙ୍କ ଗାଡ଼ି ଯାଇଥିଲା। ଉତ୍ସବ ପରେ ସନ୍ଧ୍ୟାରେ ଫେରୁଥିବା ବେଳେ ମଧ ଟ୍ରେନ ଆସୁଥିବା ଯୋଗୁ ୧୦ ରାଜ୍ୟପାଳଙ୍କ ଗାଡ଼ି ୧୦ମିନିଟ ଅଟକି ରହିଥିଲା। ଏଠାରେ ରେଲୱେ ଓଭରବ୍ରିଜ ନିର୍ମାଣ ପାଇଁ ବୁଦ୍ଧିଜୀବୀଙ୍କ ମହଲରୁ ଦାବି ହେଉଛି।

### ଗାଡ଼ି ଧକ୍କାରେ ବ୍ୟବସାୟୀଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୨୩।୧୧:** ଖୋର୍ଦ୍ଧା-ଜଟଣୀ ରାସ୍ତାର ବଡ଼ତୋଟା ଛକ ନିକଟରେ ମଙ୍ଗଳବାର ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଟଣୀ ରାଜା ବଗିଚା ଅଞ୍ଚଳର ସର୍ବେଶ୍ୱର ରଥ(୫୩)। ସେ ଜଣେ ବ୍ୟବସାୟୀ ବୋଲି ଜଣାପଡିଛି। ସୂଚନା ମୁତାବକ, ସର୍ବେଶ୍ୱର କୌଣସି କାମରେ ଖୋର୍ଦ୍ଧା ଆସି ବାଇକ୍‌ରେ ଘରକୁ ଫେରୁଥିଲେ। ରାତି ପ୍ରାୟ ୭ଟାରେ ବଡ଼ତୋଟା ଛକ ନିକଟରେ ତାଙ୍କ ଗାଡିକୁ ପଛପଟୁ ଆସୁଥିବା ଏକ ଗାଡ଼ି ଧକ୍କା ଦେଇଥିଲା। ଫଳରେ ସେ ଘୋଷାରି ହୋଇ ଗୁରୁତର ଆହତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଦୁର୍ଘଟଣା: ୨ ଗୁରୁତର

**ବାଣପୁର,୨୩।୧୧(ଡି.ଏନ୍.ଏ.):** ବାଣପୁର ଥାନା ଅନ୍ତର୍ଗତ ସାନହନ୍ତୁଆଡ଼ ଛକରେ ମଙ୍ଗଳବାର ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା ହେବାରୁ ୨ଜଣ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବଡଶିରେଇପୁର ଗ୍ରାମର ଜଣେ ଛାତ୍ରୀ ସ୍କୁଟିରେ ବାଣପୁର ମହାବିଦ୍ୟାଳୟକୁ ଯାଉଥିଲେ। ଏହି ସମୟରେ ବରଡିଗ୍ରାମର ସନ୍ତୋଷ ମହାନ୍ତି ବାଇକରେ ଫେରୁଥିବା ବେଳେ ଉଭୟଙ୍କ ଗାଡ଼ି ମଧ୍ୟରେ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସନ୍ତୋଷଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

### ୫୧୭୦ ଲିଟର ମଦ, ପୋଚ ଜବତ

**ବାଣପୁର,୨୩।୧୧(ଡି.ଏନ୍.ଏ.):** ବାଣପୁର ଅଞ୍ଚଳରେ ଦେଶୀ ମଦ କାରବାର ଓ ପ୍ରସ୍ତୁତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକିବା ପାଇଁ ସାଧାରଣରେ ଦାବି ହୋଇଆସୁଥିଲା। ମଙ୍ଗଳବାର ବାଣପୁର ପୋଲିସ ଓ ବାଲୁଗାଁ ଅବକାରୀ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୬୩ଟି ଡ୍ରମରୁ ପ୍ରାୟ ୪୮୦୦ଲିଟରରୁ ଉର୍ଦ୍ଧ୍ୱ ମହୁଲି ପୋଚ ସମେତ ୩୭୦ଲିଟର ଦେଶୀ ମଦ ଜବତ ହୋଇଛି। ଘଟଣାସ୍ଥଳରୁ ରନ୍ଧାଳି ଓ ବେପାରୀ ଫେରାର ହୋଇଯାଇଥିଲେ।

### ଡା. ଗଗନ ବିହାରୀଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୨୩।୧୧:** ଖୋର୍ଦ୍ଧାର ଖ୍ୟାତାନାମା ଚିକିତ୍ସକ ଗଗନ ବିହାରୀ ନାୟକ(୭୫)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଦୀର୍ଘ ୪୦ବର୍ଷ ଧରି ସେ ଖୋର୍ଦ୍ଧା ସହରରେ ସେବା ଯୋଗାଇ ଆସୁଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାୟ ୧୦ ବର୍ଷ ଧରି ଚିକିତ୍ସକ ରହିଥିଲେ। ସେ ପୂର୍ବତନ ବେଗୁନିଆ ବିଧାୟକ ସତ୍ୟାନନ୍ଦ ଚମ୍ପତିରାୟ ଏବଂ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀଙ୍କ ସମ୍ପର୍କୀୟ ଥିଲେ। ତାଙ୍କ ବିୟୋଗରେ ଖୋର୍ଦ୍ଧା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ସଫେଇ କାର୍ଯ୍ୟକ୍ରମ

**ଝାଁଳା,୨୩।୧୧(ଡି.ଏନ୍.ଏ.):** ଭୁବନେଶ୍ୱର ଉପକଣ୍ଠ ମଦନପୁରସ୍ଥିତ ସନାତନ ହରିଚନ୍ଦନ ଡିଗ୍ରୀ ମହାବିଦ୍ୟାଳୟ ସ୍କାଉଟ ଗାଇଡ୍ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସ୍ୱଚ୍ଛ ଭାରତ ଉଦ୍ଦେଶ୍ୟରେ କଲେଜ କ୍ୟାମ୍ପସ୍, କଲେଜ ନିକଟ ନୀଳକଣ୍ଠେଶ୍ୱର ମନ୍ଦିର ଚତୁଃପାର୍ଶ୍ୱ, ପୋଖରୀ ଚତୁଃପାର୍ଶ୍ୱ ସଫେଇ ସହିତ ଲୋକମାନଙ୍କୁ ପରିବେଶ ସଫାସୁତୁରା ରଖିବା ପାଇଁ ବାର୍ତ୍ତା ବାଣ୍ଟିଥିଲେ। ଅଧ୍ୟକ୍ଷ ପ୍ରଫୁଲ୍ଲ ଦାସଙ୍କ ତତ୍ତ୍ୱାବଧାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଶୋକ ସୁବୁଦ୍ଧି, ହିମାଂଶୁବାଳା ସାସ୍‌ମଲ, ମୋନାଲିସା ମହାନ୍ତି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନାଇଜେରିଆନ ଗ୍ୟାଙ୍ଗ୍ ସଦସ୍ୟ ଗିରଫ

**ଓକାକ୍ ସିଇଓଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ ଘଟଣାରେ ସମ୍ପୃକ୍ତି ସନ୍ଦେହ**

- ବେଙ୍ଗାଲୁରୁରୁ ଧରିଲା ଦିଲ୍ଲୀ ପୋଲିସ
- ପଚରାଉଚରା ପାଇଁ ଦିଲ୍ଲୀରେ ପହଞ୍ଚିଲା ଓଡ଼ିଶା କ୍ରାଇମବ୍ରାଞ୍ଚ ଟିମ୍

**ଭୁବନେଶ୍ୱର,୨୩।୧୧(ବ୍ୟୁରୋ)**

ସାଇବର ଠକେଇରେ ସମ୍ପୃକ୍ତ ନାଇଜେରିଆନ ଗ୍ୟାଙ୍ଗ୍‌ର ଆଉଜଣେ ସଦସ୍ୟଙ୍କୁ ଦିଲ୍ଲୀ ପୋଲିସ ବେଙ୍ଗାଲୁରୁରୁ ଗିରଫ କରିଛି। ସେ ହେଲେ ଉକୁଉଦିରି ପାଷ୍ଟାଲ (୪୦)। ଦିଲ୍ଲୀ ପୋଲିସ ତାଙ୍କୁ ୮ଦିନିଆ ରିମାଣ୍ଡରେ ନେଇ ଜେରା କରୁଛି। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍)ର ସିଇଓ ତଥା ରାଜ୍ୟ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଆଇଟି ବିଭାଗର ଅତିରିକ୍ତ ସଚିବ ମନୋଜ କୁମାର ପଟ୍ଟନାୟକଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ କରି ୫ଜଣ ସମ୍ପର୍କୀୟଙ୍କଠାରୁ ୭ଲକ୍ଷ ଟଙ୍କା ଠକେଇ ଘଟଣାରେ ପାଷ୍ଟାଲଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ତାଙ୍କୁ ପଚରାଉଚରା ପାଇଁ ଓଡ଼ିଶା କ୍ରାଇମବ୍ରାଞ୍ଚର ୨ଜଣ ଟିମ୍ ମଙ୍ଗଳବାର ଦିଲ୍ଲୀରେ ପହଞ୍ଚିଥିବା ସୂଚନା ମିଳିଛି।

ପୂର୍ବରୁ ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ୍ ଚିମେଲିନ୍ ଇମାନୁଏଲ୍ ଆନିଏତାଲଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ଉକୁଦିରି ତାଙ୍କ ସହଯୋଗୀ ବୋଲି କୁହାଯାଉଛି। ଏନେଇ କ୍ରାଇମ୍‌ବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି, ଦିଲ୍ଲୀ ପୋଲିସ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ଓକାକ୍ ସିଇଓଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ ଘଟଣାରେ ସମ୍ପୃକ୍ତ ଅଛନ୍ତି ବୋଲି ସନ୍ଦେହ କରାଯାଉଛି। ସେଥିପାଇଁ ଏକ ୨ଜଣିଆ ଟିମ୍‌କୁ ଦିଲ୍ଲୀ ପଠାଯାଇଛି। ଉକ୍ତ ଟିମ୍ ଏନେଇ ସୂଚନା ଦେଲେ ଗଣମାଧ୍ୟମକୁ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୦ତାରିଖରେ ଏକ ଅଜଣା ନମ୍ବରରୁ ମନୋଜଙ୍କ ଫୋନ୍‌କୁ ଏକ କଲ୍ ଆସିଥିଲା। ହେଲେ ୩୦ ସେକେଣ୍ଡ ଧରି କେହି କିଛି ନ କହିବାରୁ ସେ ଉକ୍ତ କଲ୍‌କୁ କାଟି ଦେଇଥିଲେ। ପରେ ମନୋଜଙ୍କ ୫ଜଣ ସମ୍ପର୍କୀୟଙ୍କୁ ଫୋନ୍ କରି ଟଙ୍କା ମାଗି ନେଇଥିଲେ। ତଦନ୍ତ ସମୟରେ ହ୍ୱାଟ୍ସଆପ୍ ହ୍ୟାକ୍ କରାଯାଇଥିବା ଜାଣିବାକୁ ମିଳିଥିଲା। ଏନେଇ ଶହୀଦନଗର ଥାନାରେ ଅଭିଯୋଗ ହୋଇଥିଲା। କ୍ରାଇମ୍‌ବ୍ରାଞ୍ଚ ନିଜ ଆଡୁ ମାମଲା (ନଂ.୨୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଗଣାବଜା, ଦେଶିଆ ନାଟରେ ଝୁମିଲେ ଦର୍ଶକ

**ଭୁବନେଶ୍ୱର ୨୩।୧୧**



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଲୋକକଳାର ପ୍ରଚାର ଓ ପ୍ରସାର ପାଇଁ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଙ୍ଗଳବାର 'ଆମ ଲୋକକଳା ଆମ ସଂସ୍କୃତି' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲା ପଦମପୁରର ସଙ୍ଗୀତ ସମିତିର କଳାକାରଙ୍କ ଗଣାବଜା ଓ ରାୟଗଡ଼ା ଜିଲାର ଲୋକକଳା ଗ୍ରାମ ଗେଟିପଡ଼ାର ମା' ସନ୍ତୋଷୀ କଳା ପ୍ରତିଷ୍ଠାନ ପକ୍ଷରୁ ଦେଶିଆ ନାଟ ମନ ମୋହିଥିଲା।

ଦର୍ଶକମାନେ ବଜା ଓ ନୃତ୍ୟର ତାଳେ ତାଳେ ଝୁମି ଉଠିଥିଲେ। କାର୍ଯ୍ୟକ୍ରମରେ ଘୋଡ଼ାନାଚ ବିଶାରଦ ପଦ୍ମଶ୍ରୀ ଉଚ୍ଛବ ଦାସ, ଓଡିଶୀ ନୃତ୍ୟରେ ଓଡିଶାରୁ ଡକ୍ଟରେଟ ଡିଗ୍ରୀ ହାସଲ କରିଥିବା ପ୍ରଥମ ମହିଳାଚନ୍ଦନା ରାଉଳ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇ, ରାଜ୍ୟ କଳାକାର ସଂଘ ଉପସଭାପତି ଅବନୀ ମିଶ୍ର ଅତିଥି ରୂପେ ଯୋଗ ଦେଇଥିଲେ। ପଦ୍ମଶ୍ରୀ ଦାସ ଓଡ଼ିଶାର ଲୋକକଳା ଓ କଳାକାରଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବାରେ ରାଜ୍ୟ ସରକାର ନେଉଥିବା ପଦକ୍ଷେପର ଭୂୟସୀ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଅନନ୍ୟ କଳାରେ ପରିପୁଷ୍ଟ ଥିବା କଳାକାରଙ୍କୁ ଆଉ ବଣମଲ୍ଲୀ ରୂପେ ସେହି ବଣରେ ସୀମିତ ହୋଇ ରହିବାକୁ ଦିଆଯିବ ନାହିଁ ବୋଲି ନିର୍ଦ୍ଦେଶକ ଦାସ କହିଥିଲେ।

## ନବକୃଷ୍ଣ ଥିଲେ ଅବହେଳିତ, ନିଷ୍ପେଷିତଙ୍କ ପ୍ରକୃତ ବନ୍ଧୁ

**ଭୁବନେଶ୍ୱର,୨୩।୧୧(ବ୍ୟୁରୋ)**

**ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ**

ମହାନ୍ ବିପ୍ଳବୀ, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ନିଷ୍ଠାପର କର୍ମୀ। ଓଡିଶାର ଦରିଦ୍ର, ଅବହେଳିତ ଓ ନିଷ୍ପେସିତ ବର୍ଗଙ୍କ ପ୍ରକୃତ ବନ୍ଧୁ। ସେ ସମ୍ଭ୍ରାନ୍ତ ଓ ଜମିଦାର ବଂଶର ହୋଇଥିଲେ ମଧ ସମାଜର ମୂଳିଆ ଓ ଦଳିତ ଲୋକଙ୍କ ପାଇଁ ସଂଗ୍ରାମ କରିଥିଲେ। ତାଙ୍କ ଆଦର୍ଶ ଓ ମାନବୀୟ ଗୁଣର ମୂଲ୍ୟବୋଧକୁ ବୁଝି ଆଜିର ଯୁବପିଢି ରାଜ୍ୟ ଓ ଦେଶର ବିକାଶ ପାଇଁ ବ୍ରତୀ ହେବାକୁ ଅତିଥିମାନେ କହିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ରାଜ୍ୟସ୍ତରୀୟ ନବକୃଷ୍ଣ ଚୌଧୁରୀ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ କହିଲେ, ନବକୃଷ୍ଣ କଠୋର ଜୀବନଶୈଳୀ, ନିଷ୍ଠା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ସେ ମାନବବାଦୀ ଓ ଦରିଦ୍ର ଲୋକଙ୍କ ହୃଦୟକୁ ଚିହ୍ନିବାରେ ସକ୍ଷମ ହୋଇପାରିଥିଲେ। ସମ୍ମାନିତ ଅତିଥି ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଯୋଗଦେଇ କହିଲେ, ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ଓଡିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିବା ନବକୃଷ୍ଣ ଚୌଧୁରୀ ପ୍ରଜାବତ୍ସଳ ଥିଲେ। ଆମେମାନେ ତାଙ୍କୁ ସ୍ମରଣ କରି ଦେଶ ଓ ଜାତି ପାଇଁ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଡ. ମହାନ୍ତି କହିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ଡ. ଜୟନ୍ତୀ ରଥ କହିଲେ, ଗାନ୍ଧୀ ଓ ଆଚାର୍ଯ୍ୟ ବିନୋବା ଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନବକୃଷ୍ଣ ଚୌଧୁରୀ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ଜମିଦାରି ପ୍ରଥା ଉଚ୍ଛେଦ, ସାମ୍ୟବାଦ ଧାରା ପ୍ରଚଳନଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରିତ୍ୱ କାଳରେ ରାଜ୍ୟର ବିଭିନ୍ନ ଉନ୍ନତି ସହ ନିଜ ଜୀବନରେ ସେବା ଓ ସାଧନାକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲେ ବୋଲି ସେ ପ୍ରକାଶ କରିଥିଲେ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡା ଧନ୍ୟବାଦ ଦେଇଥିବାବେଳେ ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ

**ବାଲଗଡ଼,୨୩।୧୧(ଡି.ଏନ୍.ଏ.)**

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କ ୧୨୦ତମ ଜୟନ୍ତୀ ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗ ଆନୁକୂଲ୍ୟରେ ନବକୃଷ୍ଣ ଚୌଧୁରୀ ନୂତନ ଓଡ଼ିଶାର ସ୍ଥପତି ଶୀର୍ଷକ ଆଲୋଚନାଚକ୍ର କଲେଜ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପିକା ଜୟପ୍ରଦା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭାଗୀୟ ମୁଖ୍ୟ ସୁଦର୍ଶନ ପ୍ରଧାନ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ଚୌଧୁରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶିଷ୍ଟ ସର୍ବୋଦୟ କର୍ମୀ ବିନୋଦ ମହାନ୍ତି ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ପ୍ରଫେସର ଇନ୍ଦ୍ରଜିତ୍ ମହାନ୍ତି ମୁଖ୍ୟ ବକ୍ତାଭାବେ ଯୋଗଦେଇ ଚୌଧୁରୀଙ୍କ ସରଳ ଜୀବନଚର୍ଯ୍ୟା ଓ ସମ୍ଭ୍ରାନ୍ତ ଚେତନା ଯୁଗେ ଯୁଗେ ଜନମାନସକୁ ଅଭିପ୍ରେରିତ କରିବ ବୋଲି କହିଥିଲେ। ସରୋଜ ଦାଶ ଧନ୍ୟବାଦ ଦେଇଥିଲେ।

**ଦ. ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଆରଏସ୍‌ଓ-ସିକେପି-ଆରଆର୍-ଜେଆରଏଲ୍‌ଆଇ-୧୩, ତାରିଖ: ୨୨।୧୧।୨୦୨୧ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍-।: ଟେକ୍ନିକାଲ୍ ବିଡ୍ ଏବଂ ପ୍ୟାକେଟ୍-।।: ଫାଇନାନ୍ସିଆଲ ବିଡ୍)ରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ୧୦୯୬ ଦିନ ପାଇଁ କାରୋଲିଠାରେ ରନିଂ ରୁମ୍ ଏବଂ କ୍ରିଭ ଓ ଗାର୍ଡ ଲବିର ଦେଖାରଖା । **ଟେଣ୍ଡର ମୂଲ୍ୟ:** ₹୧,୭୪,୦୬,୩୧୮.୪୬ । **ଇଏମ୍‌ଡି:** ଶୂନ୍ୟ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/- । **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଓପି)/ଚକ୍ରଧରପୁର, ଏସ୍.ଇ.ରେଳପଥ । **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୧୫।୧୨।୨୦୨୧ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୧୫।୧୨।୨୦୨୧ରିଖ ୧୫.୩୦ ଘଟିକା । ଇ-ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-।।। ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । ଇ-ଟେଣ୍ଡରିଂରେ କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରରେ ଭାଗ ନେବା ସମୟରେ ସମସ୍ତ ଆବଶ୍ୟକ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ । (PR-434)

## ମତଦାନ ଏକ ସାମ୍ବିଧାନିକ ଅଧିକାର

**ଖୋର୍ଦ୍ଧା ଅଫିସ,୨୩।୧୧**

**ଭୋଟର ସଚେତନତା କାର୍ଯ୍ୟକ୍ରମ**

ଖୋର୍ଦ୍ଧା ଉପକଣ୍ଠ ମଳିପଡ଼ାସ୍ଥିତ କବି ପ୍ରସନ୍ନ ପାଟଶାଣୀ ଆଞ୍ଚଳିକ ମହାବିଦ୍ୟାଳୟ ପରିସରରେ ଭୋଟର ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ଦୁଇ କଲେଜ ଅଧକ୍ଷ ମିହିର ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏବିଡିଓ ରଞ୍ଜନ କୁମାର ସ୍ୱାଇଁ, ନୋଡାଲ ଅଫିସର ପ୍ରସନ୍ନ କୁମାର ମହାପାତ୍ର ଏବଂ ସୁପରଭାଇଜର ମଙ୍ଗୁଳି ଚରଣ ନିଶଙ୍କ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଜାନୁୟାରୀ ପହିଲା ସୁଦ୍ଧା ୧୮ବର୍ଷ ହେଉଥିବା ଯୁବକ, ଯୁବତୀଙ୍କ ଫଟୋ ଭୋଟର ତାଲିକାରେ ସାମିଲ ହେବା ପାଇଁ ଅତିଥିମାନେ କହିଥିଲେ। ମତଦାନ ଏକ ସାମ୍ବିଧାନିକ ଅଧିକାର। ପ୍ରତ୍ୟେକ ଭୋଟର ନିର୍ବାଚନ ସମୟରେ ମତଦାନ ସାବ୍ୟସ୍ତ କରିବା ଆବଶ୍ୟକ। ଏବିଡିଓ ସ୍ୱାଇଁ ଗଣତନ୍ତ୍ରରେ ନାଗରିକର ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ ସହ ବିଭିନ୍ନ ପ୍ରଶ୍ନ ପଚାରି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅଧକ୍ଷ ମହାପାତ୍ର ଗଣତନ୍ତ୍ରର ମୂଲ୍ୟବୋଧ ଏବଂ ନାଗରିକଙ୍କ ଦାୟିତ୍ୱବୋଧ ସମ୍ପର୍କରେ କହିଥିଲେ। ସମାଜ ଏବଂ ରାଷ୍ଟ୍ର ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସ୍ଥାନୀୟ ବିଦ୍ୟାଳୟରେ ବୁଥ୍‌ସ୍ତରୀୟ ଅଧିକାରୀ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ ପାଇଁ ରହିଥିବା ମାର୍ଗଦର୍ଶିକା ଏବଂ ଭୋଟର ହେଲ୍ପଲାଇନ ଆପ୍ ଏବଂ ଅନ୍‌ଲାଇନରେ କିପରି ନିଜ ନାମ ଅନ୍ତର୍ଭୁକ୍ତ କରିପାରିବେ ସେ ସମ୍ପର୍କରେ କହିଥିଲେ। ୧୮ବର୍ଷରୁ ଉର୍ଦ୍ଧ୍ୱ, ଭୋଟର ତାଲିକାରେ ରହିଥିବା ତ୍ରୁଟି, ସ୍ଥାନ ପରିବର୍ତ୍ତନ ପାଇଁ ରହିଥିବା ନିୟମ ସମ୍ପର୍କରେ କହିଥିଲେ। ଯୁକ୍ତ ତିନି ଅଧକ୍ଷ ସୁରେନ୍ଦ୍ର ନାଥ ସାହୁ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଦେଇଥିଲେ। ସମସ୍ତ ଅଧ୍ୟାପିକା,ଅଧ୍ୟାପକଏବଂଛାତ୍ରୀଛାତ୍ରଉପସ୍ଥିତଥିଲେ।

## 'ମାନବ ସେବା ହିଁ ଈଶ୍ୱରଙ୍କ ସେବା'

**ଖୋର୍ଦ୍ଧା ଅଫିସ,୨୩।୧୧**

ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦୀୟା ମୁସଲିମ ମହିଳା ସଙ୍ଗଠନ ଲଜନା ଏମାଉଲ୍ଲାଃ ପକ୍ଷରୁ କେରଙ୍ଗଠାରେ ସର୍ବଧର୍ମ ସମନ୍ୱୟ ଶାନ୍ତିସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅମତୁଲ ହଫିଜ ପୌରୋହିତ୍ୟ କରିଥିଲେ। ସଙ୍ଗଠନର ସଭାନେତ୍ରୀ ରୋକିଆ ବାନୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ମାନବ ସେବା ହିଁ ପ୍ରକୃତ ଈଶ୍ୱରଙ୍କ ସେବା। ଅମତୁଲ ହଫିଜ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। କୌସର ବେଗମ, ସୋହଦା ବେଗମ, ମୋବାରକା ବେଗମ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଫୌଜିଆ ରହମାନ ପବିତ୍ର କୋରାନ ପାଠ କରାଯାଇଥିଲା। ଅମତୁସ ସମି ଉର୍ଦ୍ଦୁ ସଙ୍ଗୀତ ଗାନ କରିଥିଲେ। ଶେଷରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା।

## ରନ୍ଧନ ଗ୍ୟାସ ଦର ବୃଦ୍ଧିର ପ୍ରତିବାଦ


ବାଣପୁର ବ୍ଲକ ଆଗରେ ବିଜେଡି ପକ୍ଷରୁ ଧାରଣା ଦିଆଯାଇଛି।

**ବାଣପୁର,୨୩।୧୧(ଡି.ଏନ୍.ଏ.)**

ରନ୍ଧନ ଗ୍ୟାସ ଦର ବୃଦ୍ଧିକୁ ବିରୋଧ କରି ମଙ୍ଗଳବାର ଖୋର୍ଦ୍ଧା ଜିଲା ବାଣପୁର ବ୍ଲକ ସମ୍ମୁଖରେ ଜିଲା ଯୁବ ବିଜୁ ଜନତା ଦଳର ଉପସଭାପତି ଗୋପୀନାଥ ମହାରଣାଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସ୍ଥିତ କର୍ମୀମାନେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଅନ୍ୟପଟେ ଏହି ସଭାରେ ନେତାଙ୍କ ଅନୁପସ୍ଥିତିକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପ୍ରତିବାଦ ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମାନସ ପ୍ରଧାନ, ସରପଞ୍ଚ ମନୋଜ ପ୍ରଧାନ, ସଞ୍ଜୀବ କୁମାର ପ୍ରଧାନ, ପ୍ରସନ୍ନ ପ୍ରଧାନ, ଦିବାକର ଶାସମଲ, ଯଦୁନାଥ ପ୍ରଧାନ, ମୁନା ସେଣ, ମିଟୁ ନାୟକ, ବବିନା ତ୍ରିପାଠୀ, କବିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

**ଭୁବନେଶ୍ୱର,୨୩।୧୧(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ଗାଡ଼କଣସ୍ଥିତ କଲ୍ୟାଣ ବସ୍ତିରେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତା ହେଲେ ସେଠାରେ ରହୁଥିବା ଭଦ୍ରକ ଜିଲା ପୀରହାଟ ଥାନାଞ୍ଚଳର ମଧୁସ୍ମିତା ନାୟକ ଓରଫ ଗେଲ୍ଲୀ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ଅପରପକ୍ଷରେ ମହିଳାଙ୍କ ପରିବାର ଲୋକ ନିର୍ଯାତନା ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୩୮୩/୨୧) ରୁଜୁକରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ତଦନ୍ତ ଚାଲିଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ମଧୁସ୍ମିତାଙ୍କ ସ୍ୱାମୀ ବଂଶୀଧର ରଙ୍ଗମିସ୍ତ୍ରୀ ଭାବେ କାମ କରନ୍ତି। ତାଙ୍କର ଏକ ୩ ବର୍ଷର ଝିଅ ଅଛି। ବଂଶୀଧର ମଙ୍ଗଳବାର ସକାଳୁ କାମ କରିବାକୁ ବାହାରକୁ ଚାଲି ଯାଇଥିଲେ। ଏହି ସମୟରେ ମଧୁସ୍ମିତା ଏକ ଓଢ଼ଣୀରେ ଝୁଲୁଥିବା ଦେଖି ପଡୋଶୀ ବଂଶୀଧରଙ୍କୁ ଖବର ଦେଇଥିଲେ। ସେ ଘରେ ପହଞ୍ଚିବା ପରେ ପୋଲିସକୁ ଜଣାଇଥିଲେ।

# ବିକାଶରେ ପଛୁଆ 'ପାଇକ ମାଟି'

**ଖୋର୍ଦ୍ଧା ଅଫିସ,୨୩।୧୧**

ପାଇକ ମାଟି ତଥା ଲାଲ ମାଟିର ଗଡ଼ଭାବେ ଖୋର୍ଦ୍ଧା ପରିଚିତ। କଳା, ସଂସ୍କୃତି, ଭାସ୍କର୍ଯ୍ୟ ଏବଂ ସୂକ୍ଷ୍ମ କାରୁକାର୍ଯ୍ୟ ପାଇଁ ଖୋର୍ଦ୍ଧାର ସ୍ୱତନ୍ତ୍ର ପରିଚୟ ରହିଛି। ସାରା ଦେଶରେ ଖୋର୍ଦ୍ଧା ଗାମୁଛା(ନାଲି)ର ପ୍ରସିଦ୍ଧି ରହିଛି। ହସ୍ତତନ୍ତ୍ର ଏବଂ ହସ୍ତଶିଳ୍ପ କ୍ଷେତ୍ରରେ ମଧ ଏହାର ସୁନାମ ରହିଛି। ଐତିହ୍ୟ କୀର୍ତ୍ତିରାଜି ଏବଂ ପ୍ରାକୃତିକ ସବୁଜିମାଭରା ପରିବେଶ ଏବଂ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ରହିଛି। ସବୁ କ୍ଷେତ୍ରରେ ଖୋର୍ଦ୍ଧାର ସ୍ୱତନ୍ତ୍ରତା ରହିଛି। ଏହାସତ୍ତ୍ୱେ ଦୀପ ତଳ ଅନ୍ଧାର ଭଳି ଖୋର୍ଦ୍ଧା ବିକାଶରେ ପଛରେ ପଡ଼ିଛି।

ଐତିହାସିକ ଗଡ଼ଖୋର୍ଦ୍ଧା ବିଲୁପ୍ତ ହେବାକୁ ବସିଛି। ଏହାର ସଂଲଗ୍ନ ପାର୍ଶ୍ୱରେ ରହିଥିବା ଐତିହ୍ୟ ମଠ, ମନ୍ଦିର, ପୋଖରୀ ବିପର୍ଯ୍ୟସ୍ତ ହେବାକୁ ଲାଗିଛି। ଏହି ଗଡ଼ର ପୁନରୁଦ୍ଧାର ପାଇଁ ସରକାରଙ୍କ ପକ୍ଷରୁ କୌଣସି ଯୋଜନା କରାଯାଉ ନାହିଁ। ଏହି ଗଡ଼ର ପୁନରୁଦ୍ଧାର କରାଗଲେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ। ସେହିପରି ବରୁଣେଇ ପାହାଡ଼ ଉପରୁ ପ୍ରକୃତିର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। ଏଠାରୁ ଶ୍ରୀମନ୍ଦିର ନୀଳଚକ୍ର ଦୃଶ୍ୟମାନ ହୋଇଥାଏ ବୋଲି କୁହାଯାଏ। ଗବେଷକ ଗୋପାଳକୃଷ୍ଣ ଦାସଙ୍କ ମତରେ ଏଠାରେ ୨ହଜାର ବର୍ଷ ତଳର ଓଡ଼ିଆରେ ଲେଖାଯାଇଥିବା ଶିଳାଲେଖ, ବୌଦ୍ଧ କୀର୍ତ୍ତି ରହିଛି। ଏହାର ଚତୁଃପାର୍ଶ୍ୱ ଔଷଧୀୟ ଗୁଳ୍ମରେ ପରିପୂର୍ଣ୍ଣ। ଏହି ପାହାଡ଼ର ସଂରକ୍ଷଣ ପାଇଁ ସରକାରଙ୍କ ପକ୍ଷରୁ କୌଣସି ଯୋଜନା କରାଯାଉ ନାହିଁ। ପାହାଡ଼କୁ ସଂଯୋଗ ଲାଗି ଏକ ପାଦଚଲା ରାସ୍ତା ମଧ ହୋଇନାହିଁ। ଏଠାରେ ତଳୁ ପାହାଡ଼ ଉପରକୁ ରୋପ ୱେ ଯୋଜନା କରାଗଲେ ଏବଂ ପାହାଡ଼ ଉପରେ ଜୟୀ ରାଜଗୁରୁ ଏବଂ ବକ୍ସି ଜଗବନ୍ଧୁଙ୍କ ସୁଉଚ୍ଚ ପ୍ରତିମୂର୍ତ୍ତି ନିର୍ମାଣ କରାଗଲେ ଅନ୍ତର୍ଜାତୀୟ ସ୍ତରରେ ଏହାର ଗୌରବ ବୃଦ୍ଧି ପାଇବ। ଖୋର୍ଦ୍ଧାସ୍ଥିତ ବିଜେବି ହାଇସ୍କୁଲ ଆସନ୍ତା ବର୍ଷ ୧୨୫ବର୍ଷରେ ପଦାର୍ପଣ କରିବ। ଅସହଯୋଗ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ ଏବଂ ଭାରତ ଛାଡ଼



ପରିତ୍ୟକ୍ତ ଅବସ୍ଥାରେ ରହିଥିବା ଶହୀଦ ସ୍ତମ୍ଭ ଓ ପାଇକ ସଂଗ୍ରହାଳୟ।

ଆନ୍ଦୋଳନରେ ଏହି ବିଦ୍ୟାଳୟର ଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଏଥିସହ ବହୁ ବିଶିଷ୍ଟ ଜନନାୟକ, ରାଜନୀତିଜ୍ଞ, ପ୍ରଶାସନିକ ଅଧିକାରୀ, ସାହିତ୍ୟିକ ପ୍ରମୁଖ ଏହି ବିଦ୍ୟାଳୟରୁ ଶିକ୍ଷାଦାନ କରି ଏହାର ଗୌରବକୁ ବୃଦ୍ଧି କରିଛନ୍ତି। ଉକ୍ତ ଶିକ୍ଷାନୁଷ୍ଠାନକୁ ଜାତୀୟ ସ୍ତରୀୟ ବିଦ୍ୟାଳୟ ମାନ୍ୟତା ପାଇଁ ଦାବି ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ପ୍ରାଣନାଥ କଲେଜକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି ସତ୍ତ୍ୱେ ମିଳିପାରି ନାହିଁ। ଆବଶ୍ୟକ ଭିତ୍ତିଭୂମି ଅଭାବରୁ ଏହି ମହାବିଦ୍ୟାଳୟ ମଧ ଗୌରବଗାଥାକୁ ଜାବୁଡ଼ି ଧରି ବସିଛି। ୨୦୧୯ ଡିସେମ୍ବର ୮ରେ ବରୁଣେଇ ପାହାଡ଼ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ପାଇଁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶିଳାନ୍ୟାସ କରିଥିଲେ। ୨ବର୍ଷ ବିତିବାକୁ ବସିଥିବା ବେଳେ ଏ ପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ଇଟା ଖଣ୍ଡେ ପଡ଼ିପାରିଲା ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟ ରହିଥିଲେ ମଧ ରୋଗୀ ଉନ୍ନତ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଜିଲାର ସଦର ମହକୁମା ଖୋର୍ଦ୍ଧାରେ ରହିଛି। କିନ୍ତୁ ଅର୍ଦ୍ଧାଧିକ କାର୍ଯ୍ୟାଳୟ ଭୁବନେଶ୍ୱରରେ ରହିଛି। ଜିଲାର ହେଡକ୍ୱାର୍ଟର ସତ୍ତ୍ୱେ ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ ଏଠାରେ ନ ରହି ଭୁବନେଶ୍ୱରରେ ରହିବାକୁ ପସନ୍ଦ କରୁଛନ୍ତି। ଜଟଣୀକୁ ବାଦଦେଲେ ଜିଲାର ସମସ୍ତ ବିଧାୟକ ଶାସକ ଦଳର। ବିଧାୟକଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଜିଲାର ବିକାଶ ହୋଇପାରୁ ନାହିଁ। ସେହିପରି ଜିଲାର ଅର୍ଦ୍ଧାଧିକ ସରକାରୀ ଜମି ମାଫିଆ, ରାଜନେତା ଏବଂ ପ୍ରଭାବଶାଳୀଙ୍କ ବ୍ୟକ୍ତିଙ୍କ ଅକ୍ତିଆରରେ ରହିଛି। ମହାପ୍ରଭୁଙ୍କ ଲଘୁଖଣିଜ ସମ୍ପଦ ହରିଲୁଟ ଚାଲିଛ ସାଧାରଣରେ ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଜିଲାର ସର୍ବାଙ୍ଗୀନ ବିକାଶ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି।

### ଆଜି ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ,୨୩।୧୧**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିବେ। ଏଥିସହ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗଦେବେ। ସେହିପରି ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବେ। ଏହି ଅବସରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଜମି ଦେଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବା ସହ ପରିକ୍ରମା ପ୍ରକଳ୍ପର ଏକ ମଡେଲ ଅନାବରଣ ହେବ ବୋଲି ମଙ୍ଗଳବାର ଓଡ଼ିଶା ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ ଖବରଦାତା ସମ୍ମିଳନୀରେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ୨୫ ପ୍ଲାଟୁନ୍ ପୋଲିସ ଫୋର୍ସ, ୩ଅତିରିକ୍ତ ଏସ୍‌ପି, ୧୦ ଡିଏସ୍‌ପି, ୪୦ ଇନ୍ସପେକ୍ଟର ଓ ଶହେରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିବେ।




## ଐତିହ୍ୟ କୀର୍ତ୍ତିରାଜି ସଂରକ୍ଷଣ ଜରୁରୀ

### ଗଡ଼ ଭୂଖନନ କରାଗଲେ ବହୁ ତଥ୍ୟ ବାହାରିବ

**ଖୋର୍ଦ୍ଧା ଅଫିସ,୨୩।୧୧**

ଉତ୍କଳୀୟ କଳା, ସଂସ୍କୃତି, ଭାସ୍କର୍ଯ୍ୟ ଏବଂ ଐତିହ୍ୟ କୀର୍ତ୍ତିରାଜି ବିଶ୍ୱରେ ଉତ୍କର୍ଷତା ଲାଭ କରିଛି। କିନ୍ତୁ ପ୍ରାଚୀନ ଓଡ଼ିଶାର ରାଜଧାନୀ ଖୋର୍ଦ୍ଧାର ବିଭିନ୍ନ ସ୍ଥାନରେ ରହିଥିବା ବହୁ ପୁରାତନ କୀର୍ତ୍ତିରାଜି ଅବହେଳିତ ହୋଇରହିଛି। ସେଗୁଡ଼ିକର ଅନୁସନ୍ଧାନ, ପଞ୍ଜୀକରଣ, ସଂରକ୍ଷଣ ହେଲେ ଓଡ଼ିଶାର ପ୍ରତ୍ନତତ୍ତ୍ୱ ସମ୍ପଦ ଅଧିକ ସମୃଦ୍ଧିଶାଳୀ ହୋଇପାରିବ ବୋଲି ଖୋର୍ଦ୍ଧା ରାଧାଗୋବିନ୍ଦ ଶେଫାଳି ସଂଗ୍ରହାଳୟ ପକ୍ଷରୁ ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ସଂଗ୍ରହାଳୟର ମୁଖ୍ୟ ପ୍ରାଧାପକ ଗୋପାଳକୃଷ୍ଣ ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଫେସର ସୁବାସ କୁମାର, ନାଇଜର ପ୍ରଫେସର ଅମରେନ୍ଦ୍ର ଦାସ, ସାମାଜିକ କର୍ମୀ ସନ୍ତୋଷ ସାହୁ ଏବଂ ସମରକଳା ଏକ୍ସପର୍ଟ କବିରାଜ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହା କହିଛନ୍ତି। ବରୁଣେଇ ପାହାଡ଼ରେ ରହିଥିବା ପାଣ୍ଡବ ଗୁମ୍ଫା ବୌଦ୍ଧଯୁଗୀୟ ଲିପି, ନରଣଗଡ଼ ସନ୍ନିକଟ ଶ୍ରୀଜଗନ୍ନାଥ ଗୁମ୍ଫାରେ ଲିଖିତ ଲିପି, ବାଣପୁର ଶୈଳୋଦ୍ଭବ ରାଜତ୍ୱକାଳୀନ ଷଷ୍ଠ ଶତାବ୍ଦୀର ଶିଳାଲେଖ, ଗୁରୁଜଙ୍ଗ ଧବଳେଶ୍ୱର ମନ୍ଦିର ପାର୍ଶ୍ୱରେ ଥିବା ଇଂରେଜମାନଙ୍କ ସମାଧି ସୌଧ ଆଦି ପ୍ରାଚୀନ କୀର୍ତ୍ତି ଏବେ ବି ଅବହେଳିତ ଅବସ୍ଥାରେ ରହିଛି। ଆଗାମୀ ପିଢ଼ି ପାଇଁ ଏହାର ସଂରକ୍ଷଣ ଜରୁରୀ। ଏଥିସହିତ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଦ୍ୱାରା ଖୋର୍ଦ୍ଧା ଦୁର୍ଗର ଭୂଖନନ କରାଗଲେ ବହୁ ପ୍ରାଚୀନ ତଥ୍ୟ ଲୋକଲୋଚନକୁ ଆସିପାରିବ। ଏହି କାର୍ଯ୍ୟକ୍ରମରେ ରୋଭର ରେଞ୍ଜର ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ। ବିଭୁପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।












## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୧୧।୨୦୨୧

| ୪,୨୭,୪୬୬ ଟଙ୍କା | |
|---|---|
| ସୁନା | ୧.୯୩୦ ଗ୍ରାମ |
| ରୁପା | ୯୮.୧୦୦ ଗ୍ରାମ |

## ଆଜି କ'ଣ କେଉଁଠି

ପୁରୀ
- ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ, ଉତ୍ତର-ପୂର୍ବ କୋଣ, ଶ୍ରୀମନ୍ଦିର, ସକାଳ ୯ଟା ୩୦।
- ସେସ୍କୋ – ଗ୍ରୀଡ୍‌କୋ ରିଟାୟର୍ଡ ୱାର୍କର୍ସ ଏମ୍ପ୍ଲଇଜ୍ ୱେଲଫେୟାର ଆସୋସିଏଶନର ବାର୍ଷିକ ଅଧିବେଶନ, ବଡଶଙ୍ଖସ୍ଥିତ ଶରଧା ମଣ୍ଡପ, ପୂର୍ବାହ୍ନ ୧୧ଟା ୩୦।

# ଆଜି ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ

- ପୁରୀରେ ମୁତୟନ ହେବେ ୨୫ ପ୍ଲାଟୁନ୍ ପୋଲିସ ଫୋର୍ସ
- ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ
- ୬ ଘଣ୍ଟା ବନ୍ଦ ରହିବ ବଡ଼ଦାଣ୍ଡର ଦୋକାନବଜାର

**ପୁରୀ ଅଫିସ,୨୩।୧୧:**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିବେ। ଏଥିସହ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗଦେବେ। ସେହିପରି ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବେ। ଏହି ଅବସରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଜମି ଦେଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବା ସହ ପରିକ୍ରମା ପ୍ରକଳ୍ପର ଏକ ମଡେଲ ଅନାବରଣ ହେବ ବୋଲି ମଙ୍ଗଳବାର ଓଡ଼ିଶା ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ ଏଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଯଜ୍ଞଶାଳାରେ ମଙ୍ଗଳବାର ସକାଳେ ସୂର୍ଯ୍ୟପୂଜା, ଗୋପୂଜା ନୀତି, ଅଗ୍ନିପୂଜା ଆଦି ସମ୍ପନ୍ନ ହୋଇଛି। ସେହିପରି ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ୬ଟା ମଧ୍ୟରେ ଶିଳାସ୍ନାନ ଓ ଯଜ୍ଞ ଆଦି ଅନୁଷ୍ଠିତ ହୋଇଛି। ବୁଧବାର ସକାଳ ୭ରୁ ୯ଟା ୩୦ ପର୍ଯ୍ୟନ୍ତ ସୂର୍ଯ୍ୟପୂଜା, ଅଗ୍ନିପୂଜା ତଥା ଯଜ୍ଞବିଧି ହେବ। ପୂର୍ବାହ୍ନ ୯ଟା ୪୫ରୁ ୧୦ଟା ମଧ୍ୟରେ ଶିଳା ବିଜେ ହେବ। ୧୦ଟା ୧୫ରୁ ୧୦ଟା ୩୦ ମଧ୍ୟରେ ଶିଳା ସ୍ଥାପନ ଓ ପୁଷ୍ପାଞ୍ଜଳି ଦିଆଯିବ। ଶେଷରେ ଯଜ୍ଞର ପୂର୍ଣ୍ଣାହୁତି ହେବ। ଏହାପରେ ମୁଖ୍ୟମନ୍ତ୍ରୀ ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ପ୍ରଶାସନ ପକ୍ଷରୁ ଗତ ୨୧ ତାରିଖରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଶ୍ରୋତ୍ରିୟ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ହୋମଯଜ୍ଞ ଚାଲିଛି। ୨୪ ତାରିଖ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯୋଗଦେବା ନେଇ ପ୍ରସ୍ତୁତ ହୋଇଥିବା ଖସଡ଼ା ମୁତାବକ କାର୍ଯ୍ୟକ୍ରମକୁ ପରିଚାଳିତ କରାଯାଉଛି। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ସେହିପରି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରାୟ ୨୫ ପ୍ଲାଟୁନ୍ ପୋଲିସ ଫୋର୍ସ, ୩ଜଣ ଅତିରିକ୍ତ ଏସ୍‌ପି, ୧୦ ଜଣ ଡିଏସ୍‌ପି, ୪୦ ଜଣ ଇନ୍ସପେକ୍ଟର ଓ ଶହେରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। କିଛି ସମୟ ପାଇଁ ବଡ଼ଦାଣ୍ଡକୁ ନୋ ମ୍ୟାନ୍ ଲ୍ୟାଣ୍ଡରେ ପରିଣତ କରିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ବ୍ୟବସ୍ଥା ଯେଉଁଭଳି ଭାବେ ବାଧାପ୍ରାପ୍ତ ନ ହୁଏ, ସେନେଇ ବ୍ୟବସ୍ଥା ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ବଡ଼ଦାଣ୍ଡରେ ମଧ୍ୟ କଟକଣା ରହିବ। ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଡାକ୍ତରଖାନା ଛକଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ବନ୍ଦ ରହିବ। ଏନେଇ ବଜାର କମିଟି ସହ ଆଲୋଚନା ସରିଛି। ମାତ୍ରାଧିକ ଗହଳିକୁ ଏଡ଼ାଇବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି।



ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ ସୂଚନା ଦେଉଛନ୍ତି। ନିକଟରେ ଏସ୍‌ପି କନୱର ବିଶାଲ ସିଂ ଏବଂ ଜିଲାପାଳ ସମର୍ଥ ବର୍ମା ।

## ଭତ୍ତା ବୃଦ୍ଧି ନ ହେଲେ ଭୋଟ ବର୍ଜନ

**ପୁରୀ ଅଫିସ, ୨୩।୧୧:**

ଭତ୍ତା ବୃଦ୍ଧି କରାଯିବାକୁ ପୁରୀ ଜିଲା ଭତ୍ତା ମହାସଂଘ ଦାବି କରିଛି। ଏ ନେଇ ମହାସଂଘ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସହାସଂଘ ଆବାହକ ମାନସ ପ୍ରଧାନ କହିଛନ୍ତି, ଅନ୍ୟ ରାଜ୍ୟରେ ଭତ୍ତାଧିକାରୀ ମାସକୁ ୨ହଜାର ଟଙ୍କାରୁ ଅଧିକ ପାଉଥିବାବେଳେ ଓଡ଼ିଶାରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ଭର୍ତ୍ତାଧିକାରୀଙ୍କୁ ୫ଶହ ଏବଂ ୮୦ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ୭ଶହ ଟଙ୍କା ପ୍ରଦାନ କରାଯାଉଛି। ଏହା ସମୁଦ୍ରକୁ ଶଙ୍ଖେ ସଦୃଶ। ଏନେଇ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ ବି ସୁଫଳ ମିଳିନାହିଁ। ଯଦି ସରକାର ତୁରନ୍ତ ଭତ୍ତା ଟଙ୍କା ନ ବୃଦ୍ଧି କରନ୍ତି ତେବେ ରାଜ୍ୟର ୪୮ ଲକ୍ଷରୁ ଅଧିକ ଭତ୍ତାଧିକାରୀ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନ ବର୍ଜନ କରିବେ। ଦାବିପତ୍ର ପ୍ରଦାନ ପୂର୍ବରୁ ଲୋକନାଥ ରୋଡସ୍ଥିତ ଶ୍ରୀନୀଳଚଳ ଖଣ୍ଡାୟତ କ୍ଷତ୍ରୀୟ ମହାସଭା ସିଂହସ୍ଥାନ ନବଦେଶ ଛପନଦେଶ ମହାସଭା ପ୍ରାଙ୍ଗଣରେ ଏକ ବୈଠକ ହୋଇଥିଲା। ପୁରୀ ୫ ନମ୍ବର ୱାର୍ଡର ଭତ୍ତାଧିକାରୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ବିଷ୍ଣୁଦତ୍ତ

ପୁରୀ ଅଫିସ, ୨୩।୧୧: ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ବେଳାଭୂମି ବୁଲିବାକୁ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ପୁରୀ ଆସିଥାନ୍ତି। ସେହିପରି ଅଣହିନ୍ଦୁ ଭକ୍ତମାନେ ଶ୍ରୀମନ୍ଦିର ବାହାରୁ ଦର୍ଶନ କରିବା ସହିତ ଶ୍ରଦ୍ଧା ପୂର୍ବକ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିଥାନ୍ତି। କିନ୍ତୁ ବିଗତ ବର୍ଷଗୁଡ଼ିକରେ ଖାଲଖମାର ସଂକୁଚିତ ରାସ୍ତା ଓ ପାଣି ଭାସୁଥିବା, ଷଣ୍ଢଙ୍କ ପ୍ରାଦୁର୍ଭାବ ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରୁଥିଲା। ସେହିଭଳି ଶ୍ରୀମନ୍ଦିର ପ୍ରାଚୀରକୁ ଲାଗିରହିଥିବା ଅବ୍ୟବହୃତ କୋଠା, ଦୋକାନଗୁଡ଼ିକ ଯୋଗୁ ଶ୍ରୀମନ୍ଦିର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେଉଥିଲା। ଏ ନେଇ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ ୨୦୦୮ ମସିହାରୁ ଲଗାତର ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଫଟୋ ପ୍ରମାଣ ସହିତ ରଥଯାତ୍ରା ସମନ୍ୱୟ ସମିତି ବୈଠକ ସମୟରେ ବୁଝାଇ ଆସୁଥିଲେ। ମୁଖ୍ୟମନ୍ତ୍ରୀ ଏହି ସବୁ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏବେ ଶ୍ରୀମନ୍ଦିର ଐତିହ୍ୟ ପରିକ୍ରମା ମାର୍ଗ ଶିଳାନ୍ୟାସ ହେଉଥିବାରୁ ଦାସ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

### ଶୌଚାଳୟ ଦିବସ ଅବସରରେ ସଚେତନତା

ପିପିଲି,୨୩।୧୧(ଡି.ଏନ୍.ଏ.)- ବନ୍ଧନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସ ପାଳନ ଅବସରରେ ପିପିଲି ବ୍ଲକର ଦାଣ୍ଡମୁକୁନ୍ଦପୁର ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ଧନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମୁଖ୍ୟ ପରିଚାଳନା ଅଧିକାରୀ ପ୍ରିୟତମା ମଲ୍ଲିକଙ୍କ ନେତୃତ୍ୱରେ ଦାଣ୍ଡମୁକୁନ୍ଦପୁର ବଜାରସାହି, ମୁସଲିମ ସାହି ଓ କୁଳଶିଖରପାଟଣା ଗ୍ରାମରେ ସ୍ୱାସ୍ଥ୍ୟ ସହାୟିକା, କିଶୋରୀ ବାଳିକାମାନେ ସଚେତନତା ଶୋଭାଯାତ୍ରା ମାଧ୍ୟମରେ ଲୋକଙ୍କୁ ପାଇଖାନା ବ୍ୟବହାର କରିବା ସମ୍ପର୍କରେ ସଚେତନ କରିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସରପଞ୍ଚ ମଞ୍ଜୁ ପଣ୍ଡା, ୱାର୍ଡସଭ୍ୟ ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ଶିକ୍ଷୟିତ୍ରୀ ପଦ୍ମଜା ମିଶ୍ର ପ୍ରମୁଖ ଯୋଗଦେଇ ବିଶ୍ୱ ଶୌଚାଳୟ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗର୍ଭବତୀ, ପ୍ରସୂତି, ଅଙ୍ଗନୱାଡି କର୍ମୀ, ସ୍ୱାସ୍ଥ୍ୟ ସହାୟିକା ଓ ଆଶାକର୍ମୀମାନେ ଯୋଗଦେଇଥିବା ବେଳେ ବନ୍ଧନ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ସହପରିଚାଳନ ଅଧିକାରୀ ନମିତା ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ ଉପଲକ୍ଷେ ମଙ୍ଗଳବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା ।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କଣାସ, ୨୩।୧୧(ସ୍ୱ.ପ୍ର):**

କଣାସ ବ୍ଲକ ଅଧୀନ ଚିଲିକା ଉପକୂଳସ୍ଥିତ ଗଡ଼ଖାରଦ ଗ୍ରାମରେ ଗତ ୨୧ ତାରିଖଠାରୁ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଚାଲିଛି। ୨୪ ତାରିଖ ପର୍ଯ୍ୟନ୍ତ ମହାଯଜ୍ଞ ଓ ବିଗ୍ରହ ଜୀବନ୍ୟାସ ଚାଲିବ। ଏହି ମହାଯଜ୍ଞରେ ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂହ ଓ ତାଙ୍କ ସହଧର୍ମିଣୀ ଶକୁନ୍ତଳା ନାୟକ କର୍ତ୍ତା ସାଜିଛନ୍ତି। ମଙ୍ଗଳବାର ପୂର୍ବତନ ବିଧାୟକ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ଯୋଗଦେଇଥିଲେ। ଅନେକ ଠାକୁରଙ୍କୁ ଆମର ହିନ୍ଦୁମାନେ ପୂଜା କରୁଥିବାବେଳେ ସ୍ୱୟଂ ଜଗନ୍ନାଥ ଭକ୍ତଙ୍କ ଡାକ ଶୁଣି ଚାଲିଆସନ୍ତି। ମୁଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଛୋଟ ଭକ୍ତ ବୋଲି ରାଜ୍ୟପାଳ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଶକୁନ୍ତଳା ନାୟକ, ମନ୍ଦିର ନିର୍ମାଣ ଉଦ୍ୟୋକ୍ତା ସ୍ୱର୍ଗତଃ ତାରକେଶ୍ୱର ଦକ୍ଷିଣକବାଟ, ତାଙ୍କ ପୁତ୍ର ହଟେକେଶ୍ୱର ଦକ୍ଷିଣକବାଟ, ଗ୍ରାମ୍ୟ କମିଟି ସଭାପତି ନଟବର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱର୍ଗତ ଦକ୍ଷିଣକବାଟଙ୍କ ସହଧର୍ମିଣୀ ଜୀବନୀ ଦକ୍ଷିଣକବାଟ ଏବଂ ଛାତ୍ରୀ ସ୍ୱୟଂପ୍ରଭା ଛୋଟରାୟଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା ଏବଂ ଆଞ୍ଚଳିକ ଶ୍ରୀଜଗନ୍ନାଥ ପ୍ରଚାର ସଂସ୍କୃତିର କର୍ମକର୍ତ୍ତା ସହଯୋଗ କରିଥିଲେ।

## ମାନସିକ ଚାପ ଯୋଗୁ ଯୁବକଙ୍କ ଆତ୍ମହତ୍ୟା

**ପୁରୀ ଅଫିସ, ୨୩।୧୧:**

ଟାଉନ୍ ଥାନା ଅନ୍ତର୍ଗତ ପୁରୁଣା ସଦର ଥାନା ଲେନ୍ ଅଞ୍ଚଳରେ ଜଣେ ଯୁବକ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଉକ୍ତ ଅଞ୍ଚଳର ସତ୍ୟରଞ୍ଜନ ସାହୁ (୨୧)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୬/୨୧) ରୁଜୁ କରିଛି। ସତ୍ୟରଞ୍ଜନ ଜଣେ ଭଲ ଛାତ୍ର ଥିଲେ। ସେ ମେଡିକାଲ ପାଇଁ ଏଣ୍ଟ୍ରାନ୍ସ ଦେଇଥିଲେ। ସେଥିରେ ଖରାପ ହୋଇଥିବାରୁ ମାନସିକ ଚାପରେ ଥିବା ତାଙ୍କ ବାପା ଶ୍ରୀଧର ସାହୁ କହିଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ଘରେ ସତ୍ୟରଞ୍ଜନ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଶ୍ରୀଧର କବାଟ ଭାଙ୍ଗି ଦେଖିବାକୁ ପାଇଥିଲେ। ତୁରନ୍ତ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ଦ. ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଆର୍‌ଏସ୍‌ଓ-ସିକେପି-ଆର୍‌ଆର୍-ଜେଆର୍‌ଏଲ୍‌ଆଇ-୧୩, ତାରିଖ: ୨୨।୧୧।୨୦୨୧ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍-I: ଟେକ୍ନିକାଲ୍ ବିଡ୍ ଏବଂ ପ୍ୟାକେଟ୍-II: ଫାଇନାନ୍ସିଆଲ ବିଡ୍)ରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ୧୦୯୬ ଦିନ ପାଇଁ ଜାରୋଲିଠାରେ ରନିଂ ରୁମ୍ ଏବଂ କ୍ରିଉ ଓ ଗାର୍ଡ ଲବିର ଦେଖାରଖା । **ଟେଣ୍ଡର ମୂଲ୍ୟ:** ₹୧,୭୪,୦୬,୩୧୮.୪୬ । **ଇଏମ୍‌ଡି:** ଶୂନ୍ୟ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/- । **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଓପି)/ଚକ୍ରଧରପୁର, ଏସ୍.ଇ.ରେଳପଥ । **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୧୫।୧୨।୨୦୨୧ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୧୫।୧୨।୨୦୨୧ରିଖ ୧୫.୩୦ ଘଟିକା । ଇ-ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । ଇ-ଟେଣ୍ଡରିଂରେ କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରରେ ଭାଗ ନେବା ସମୟରେ ସମସ୍ତ ଆବଶ୍ୟକ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । (PR-434)

## ସୁଲେଖାର ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ

**ପୁରୀ ଅଫିସ, ୨୩।୧୧:**

ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସୁଲେଖା ପତ୍ରିକାର ୪୧ତମ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ, ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଏବଂ ମହାଯୋଗୀ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ଏହି ସମାରୋହରେ ଅନୁଷ୍ଠାନର ସଭାପତି ସଦାଶିବ ମିଶ୍ର ଅଧ୍ୟକ୍ଷତା କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଉଦ୍‌ଘାଟକ ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ଜାତି ଗଠନ, ବିକାଶ ଓ ସଂସ୍କାରରେ ସାହିତ୍ୟିକଙ୍କ ଭୂମିକା ପ୍ରେରଣାଦାୟକ ବୋଲି କହିଥିଲେ। ଏହି ଅବସରରେ କବିତା ପାଠ ଓ ଆଲୋଚନାଚକ୍ର ହୋଇଥିଲା। ଅତିଥି ଭାବେ ସାହିତ୍ୟ ଏକାଡେମୀ ସଦସ୍ୟ ବାହାଦୂର ପାଟ୍ଟସାହାଣୀ, ରବୀନ୍ଦ୍ରନାଥ ପଟ୍ଟନାୟକ, ଅଧ୍ୟାପକ ଜନ୍ମେଜୟ ଦ୍ୱିବେଦୀ, ଶିବସୁନ୍ଦର ମିଶ୍ର, ଗୌରାଙ୍ଗ ଚରଣ ପରିଡ଼ା, ବିଜୟଲକ୍ଷ୍ମୀ ଦାଶ, ଭଗବାନ ସୁଆର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମୋଦା ଦେବୀଙ୍କ କବିତା ସଙ୍କଳନ ଶବ୍ଦ କଳ୍ପତରୁ ଓ ଦୂର୍ବାଦଳ ମେହେରଙ୍କ ଗୀତ ଗୋବିନ୍ଦର ଦ୍ୱିତୀୟ ସଂସ୍କରଣ ଲୋକାର୍ପିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରିଷ୍ଣା ମହାପାତ୍ର, ସୁରେଶ ପଟ୍ଟନାୟକ, ଅନ୍ନପୂର୍ଣ୍ଣା ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ରାଜ୍ୟସ୍ତରୀୟ କବି ସମ୍ମିଳନୀ

**ଡେଲାଙ୍ଗ,୨୩।୧୧(ଡି.ଏନ୍.ଏ.)**

ସାଇ ସାହିତ୍ୟ ସଂସ୍ଥାନ ପକ୍ଷରୁ ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବିଲାସପୁର ଗ୍ରାମରେ ମଙ୍ଗଳବାର ରାଜ୍ୟସ୍ତରୀୟ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କବି ସାଧୁଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଅଧ୍ୟାପିକା ଡ. ପ୍ରତିଭା ମହାରଥୀ, ମୁଖ୍ୟବକ୍ତା ଭାବେ ହରେକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ସାଇ ସାହିତ୍ୟ ସଂସ୍ଥାନ ସଭାପତି କବି ସୁଦର୍ଶନ ପ୍ରଧାନ, ଅଞ୍ଜଳି ଜେନା, ଚାଇଁପୁର ସରପଞ୍ଚ ପ୍ରଦ୍ୟୁମ୍ନ ପରିଡା ପ୍ରମୁଖଯୋଗଦେଇଥିଲେ। କବିମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ପଲେଇ, ବିଶାଖା ଦେବୀ, ଅନ୍ତର୍ଯ୍ୟାମୀ ସାହୁ, ଧର୍ମରାଜ ପ୍ରଧାନ, ବୈଷ୍ଣବ ଚରଣ ଦାସ, କୃଷ୍ଣଚନ୍ଦ୍ର ବାରିକ, ଅଜିତ ତ୍ରିପାଠୀ, ବଟକୃଷ୍ଣ ସାହୁ ପ୍ରମୁଖ ଶତାଧିକ କବି ଓ କବୟିତ୍ରୀ ଯୋଗଦେଇଥିଲେ।

## ୪ ଦାବି ନେଇ ବିପ୍ଳବୀ ସଙ୍ଗଠନର ଧାରଣା

**ଗୋପ,୨୩।୧୧(ଡି.ଏନ୍.ଏ.)**

କୋଣାର୍କ– ନିମାପଡ଼ା ପୂର୍ତ୍ତ ବିଭାଗର ପ୍ରାୟ ୨୫ କିମି ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତାରେ ଖାଲଢ଼ିପ ସହ କେତେକ ଜାଗାରେ ପିଚୁ ଉଠିଯାଇଥିବାରୁ ଦୈନନ୍ଦିନ ଛୋଟବଡ଼ ସଡ଼କ ଦୁର୍ଘଟଣା ଘଟୁଛି। ଅଭିଯୋଗ ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଏହି ଦାବି ସହ ଅଞ୍ଚଳର ରାସ୍ତାରେ ବିଭିନ୍ନ ସମସ୍ୟା ଥିବାର ୪ ଦାବି ନେଇ ମଙ୍ଗଳବାର ଗୋପ ପୂର୍ତ୍ତ ବିଭାଗ ଅଫିସ ସମ୍ମୁଖରେ ସ୍ଥାନୀୟ ବିପ୍ଳବୀ ସଂଗଠନର ୩୦ରୁଊର୍ଦ୍ଧ୍ୱ ସଭ୍ୟ ଗଣଧାରଣା ଦେଇଥିଲେ। ପରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ କେ.କେ. ହେମ୍ବ୍ରମ ଓ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ଧନପତି ଧାରଣା ସ୍ଥଳରେ ପହଞ୍ଚି ବିପ୍ଳବୀ ସଂଗଠନ ସଭାପତି ଚନ୍ଦ୍ରକାନ୍ତ ସାହୁଙ୍କ ସହ ଆଲୋଚନା କରି ୧୦ଦିନ ମଧ୍ୟରେ ଏହି ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ରାସ୍ତା ମରାମତି କରିବା, ଦୁର୍ଘଟଣା ସ୍ଥାନ, ବୁଲାଣି ସ୍ଥାନରେ ସାଙ୍କେତିକ ଚିହ୍ନ, ବେପରୁଆ ଗାଡ଼ି ଚାଳକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ଦାବି କରିଛି। ସଂଘ ଓ ଗ୍ରାମବାସୀଙ୍କ ଅଭିଯୋଗ ପରେ ପୂର୍ବରୁ ପୂର୍ତ୍ତ ବିଭାଗ ରାତିଅଧିଆ ମରାମତି କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ମଧ୍ୟ ସଂଗଠନ ଅଭିଯୋଗ କରିଥିବା ବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଏହି ଗଣଧାରଣା କରାଯାଇଥିଲା।





ବିପ୍ଳବୀ ସଂଗଠନର ସଦସ୍ୟମାନେ ଗୋପ ପୂର୍ତ୍ତ ବିଭାଗ ଅଫିସ ସମ୍ମୁଖରେ ଧାରଣା ଦେଇଛନ୍ତି ।






ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଓଡ଼ିଶା ସରକାର

ସଂସ୍କୃତି ଉଦ୍ୟାନର ସୁଗନ୍ଧିତ ପୁଷ୍ପ ହେଉଛି ଲୋକକଳା

ନବୀନ ପଟ୍ଟନାୟକ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

## ସଂକ୍ଷେପରେ

### ଖୋଖୋ ପ୍ରଶିକ୍ଷଣ ପାଇଁ ଆହ୍ୱାନ

ଡେଲାଙ୍ଗ,୨୩।୧୧(ଡି.ଏନ୍.ଏ.)- ଚଳିତବର୍ଷ ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତା ଅନୁଗୋଳଠାରେ ଡିସେମ୍ବର ୧୩ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ପୁରୀ ଜିଲାରୁ ମହିଳା ଓ ପୁରୁଷ ଉଭୟ ୧୨ ଜଣ ଲେଖାଏ ଖେଳାଳି ଚୟନ କରାଯିବ। ଏନେଇ ଆସନ୍ତା ୨୫ ତାରିଖଠାରୁ ଡେଲାଙ୍ଗ ବ୍ଲକର ମୁନିନ୍ଦା ପଞ୍ଚାୟତର କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ବିଦ୍ୟାଳୟରେ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ। ପୁରୀ ଜିଲାର ବିଭିନ୍ନ ବ୍ଲକରୁ ଖେଳାଳିମାନଙ୍କୁ ଖୋଖୋ ସଂଘ ପକ୍ଷରୁ ପ୍ରଶିକ୍ଷଣ ପାଇଁ ଆହ୍ୱାନ କରାଯାଇଛି। ଜିଲା ଖୋଖୋ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, କ୍ରୀଡ଼ା ଶିକ୍ଷକ ସୂର୍ଯ୍ୟନାରାୟଣ ଜେନା, ଚୌଧୁରୀ ପାର୍ଥସାରଥି ମହାପାତ୍ର, ତପନ ଦାସ, ଜୟନ୍ତ ରାୟ, ଦେବୀପ୍ରଶାଦ ଦାସ, ସୀତାକାନ୍ତ ରାଉତରାୟ ପ୍ରମୁଖ ଖେଳାଳିମାନଙ୍କୁ ବିଦ୍ୟାଳୟ ପରିସରରେ ପ୍ରଶିକ୍ଷଣ ପ୍ରଦାନ କରିବେ। ଇଚ୍ଛୁକ ଖେଳାଳିମାନେ ୯୪୩୭୦୪୨୭୫୨, ୭୦୦୮୮୩୮୨୮୬ ନମ୍ବରରେ ଯୋଗାଯୋଗ କରିବା ପାଇଁ ସଂଘ ସମ୍ପାଦକ ନିବେଦନ କରିଛନ୍ତି।

# ନବକୃଷ୍ଣ ଥିଲେ ଅବହେଳିତ, ନିଷ୍ପେଷିତଙ୍କ ପ୍ରକୃତ ବନ୍ଧୁ

## ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ମହାନ୍ ବିପ୍ଳବୀ, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ନିଷ୍ଠାପର କର୍ମୀ। ଓଡିଶାର ଦରିଦ୍ର, ଅବହେଳିତ ଓ ନିଷ୍ପେସିତ ବର୍ଗଙ୍କ ପ୍ରକୃତ ବନ୍ଧୁ। ସେ ସମ୍ଭ୍ରାନ୍ତ ଓ ଜମିଦାର ବଂଶର ହୋଇଥିଲେ ମଧ୍ୟ ସମାଜର ମୂଲିଆ ଓ ଦଳିତ ଲୋକଙ୍କ ପାଇଁ ସଂଗ୍ରାମ କରିଥିଲେ। ତାଙ୍କ ଆଦର୍ଶ ଓ ମାନବୀୟ ଗୁଣର ମୂଲ୍ୟବୋଧକୁ ବୁଝି ଆଜିର ଯୁବପିଢି ରାଜ୍ୟ ଓ ଦେଶର ବିକାଶ ପାଇଁ ବ୍ରତୀ ହେବାକୁ ଅତିଥିମାନେ କହିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ରାଜ୍ୟସ୍ତରୀୟ ନବକୃଷ୍ଣ ଚୌଧୁରୀ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ କହିଲେ, ନବକୃଷ୍ଣ କଠୋର ଜୀବନଶୈଳୀ, ନିଷ୍ଠା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ସେ ମାନବବାଦୀ ଓ ଦରିଦ୍ର ଲୋକଙ୍କ ହୃଦୟକୁ ଚିହ୍ନିବାରେ ସକ୍ଷମ ହୋଇପାରିଥିଲେ। ସମ୍ମାନିତ ଅତିଥି ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଯୋଗଦେଇ କହିଲେ, ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ଓଡିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିବା ନବକୃଷ୍ଣ ଚୌଧୁରୀ ପ୍ରଜାବତ୍ସଳ ଥିଲେ। ଆମେମାନେ ତାଙ୍କୁ ସ୍ମରଣ କରି ଦେଶ ଓ ଜାତି ପାଇଁ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଡ. ମହାନ୍ତି କହିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ଡ. ଜୟନ୍ତୀ ରଥ କହିଲେ, ଗାନ୍ଧୀ ଓ ଆଚାର୍ଯ୍ୟ ବିନୋବା ଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନବକୃଷ୍ଣ ଚୌଧୁରୀ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ଜମିଦାରି ପ୍ରଥା ଉଚ୍ଛେଦ, ସାମ୍ୟବାଦ ଧାରା ପ୍ରଚଳନଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରିତ୍ୱ କାଳରେ ରାଜ୍ୟର ବିଭିନ୍ନ ଉନ୍ନତି ସହ ନିଜ ଜୀବନରେ ସେବା ଓ ସାଧନାକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲେ ବୋଲି ସେ ପ୍ରକାଶ କରିଥିଲେ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡା ଧନ୍ୟବାଦ ଦେଇଥିବାବେଳେ ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ବିଧାୟକ ଅମର ପ୍ରସାଦ ଶତପଥୀ ଓ ଅନ୍ୟମାନେ।

# ଜୋର ଧରିଲା ପୁରୀ ନାମ ପରିବର୍ତ୍ତନ ଦାବି

ପୁରୀ ଅଫିସ,୨୩।୧୧:

ପୁରୀ ନାମକୁ 'ଶ୍ରୀଜଗନ୍ନାଥ ପୁରୀ'ରେ ପରିବର୍ତ୍ତନ କରିବା ପାଇଁ ୪୦ ସଙ୍ଗଠନ ଦାବି କରିଛନ୍ତି। ପୁରୀ ଆଗରେ ଶ୍ରୀଜଗନ୍ନାଥ ଶବ୍ଦକୁ ଯୋଡ଼ିବା ଫଳରେ ରାଜ୍ୟ ଓ ଦେଶ ବାହାରେ ପୁରୀର ପରିଚୟ ବୃଦ୍ଧି ହେବା ସହ ପୁରୀ ଅଧିକ ଆଦୃତ ହୋଇପାରିବ ବୋଲି ମଙ୍ଗଳବାର ଏଠାରେ ଏକ ଖବରଦାତା ସମ୍ମିଳନୀରେ ମିଳିତ ଭାବେ ଦାବି କରାଯାଇଛି। ସେହିପରି ପୁରୀ ଏକ ଅପଭ୍ରଂଶ ଶବ୍ଦ। ଏହା ପୁରୁଷୋତ୍ତମ ପୁରୀରୁ ସୃଷ୍ଟି ହୋଇଥିବା କୁହାଯାଉଛି। ଏଣୁ ପୁରୀ ନାମ ଆଗରେ ମହାପ୍ରଭୁଙ୍କ ନାମ ଯୋଡ଼ିବାରେ କାହାରି କୌଣସି ଆପତ୍ତି ନ ରହିବା ଉଚିତ। ପୁରୀ ନାମଟି ସ୍ୱୟଂ ସମ୍ପୂର୍ଣ୍ଣ ନୁହେଁ। ଚାରିଧାମ ମଧ୍ୟରୁ ତିନି ଧାମ ଶେଷରେ ପୁରୀ ଶବ୍ଦ ଯୋଡ଼ାଯାଇଥିବା ବେଳେ ପୁରୀ ଏକମାତ୍ର ଧାମ ଯାହା ସହ ମହାପ୍ରଭୁଙ୍କ ନାମ ଯୋଡ଼ା ହୋଇନାହିଁ। ଏଣୁ ଏହା ଯୋଡ଼ାଯିବା ଅବାଶ୍ୟକ ବୋଲି ପ୍ରଫେସର ହରେକୃଷ୍ଣ ଶତପଥି ମତ ରଖିଛନ୍ତି। ବ୍ରିଟିଶ ଚକ୍ରାନ୍ତରେ ପୁରୀରୁ ଜଗନ୍ନାଥ ଶବ୍ଦକୁ ହଟାଯାଇଥିବା ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ଉପସଭାପତି ଉମାବଲ୍ଲଭ ମହାପାତ୍ର, ଭଏସ୍ ଅଫ୍ କମନ୍‌ମ୍ୟାନ୍ ସଙ୍ଗଠନର ହେକ୍ଟର ମିଶ୍ର, ଓକିଲ ସଂଘର ପୂର୍ବତନ ସଭାପତି ପୁଷ୍କର ମହାପାତ୍ର, ସେବାୟତ ରବି ନାରାୟଣ ଗୁରୁ, ରବି ପଢ଼ିହାରୀ, ପୂର୍ବତନ ପ୍ରଶାସକ ରାଜେଶ ପୁରୋହିତ, ପୂର୍ବତନ ସଂସ୍କୃତି ଅଧିକାରୀ ପ୍ରଫୁଲ୍ଲ ସାମନ୍ତରାୟ, ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ ସମ୍ପାଦିକା ପ୍ରତିମା ମିଶ୍ର ଏବଂ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ଟିକାୟତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଉକ୍ତ ଅନୁଷ୍ଠାନଗୁଡ଼ିକର କର୍ମକର୍ତ୍ତାମାନଙ୍କୁ ନେଇ ଏକ ବୈଠକ ହୋଇଥିଲା। ଏହି ଦାବି ସମ୍ପର୍କରେ ଜିଲାର ସମସ୍ତ ସ୍ଥାନରେ ପ୍ରଚାର ପ୍ରସାର କରାଯିବାକୁ ନିଷ୍ପତ୍ତି ହୋଇଛି। ତେବେ ଖବରଦାତା ସମ୍ମିଳନୀରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା। କେତେଜଣ ଖବରଦାତା ଶ୍ରୀଜଗନ୍ନାଥପୁରୀ ନାମକରଣର ସମ୍ପ୍ରତି ଆବଶ୍ୟକତା କ'ଣ ବୋଲି ପଚାରିବାରୁ ଉପସ୍ଥିତ ସଦସ୍ୟ ଓ ଖବରଦାତାମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଯୁକ୍ତିତର୍କ କ୍ରମଶଃ ବଢ଼ିବା ସହ ବ୍ୟକ୍ତିଗତ ଭାବେ ପରସ୍ପରକୁ ଆରୋପ ପ୍ରତ୍ୟାରୋପ ମଧ୍ୟ କରାଯାଇଥିଲା। ଏହାପରେ ଖବରଦାତାମାନେ ସମ୍ମିଳନୀ ଛାଡ଼ି ଚାଲିଆସିଥିଲେ।

## ଏକାଠି ହେଲେ ୪୦ ସଙ୍ଗଠନ



ଆଲୋଚନାଚକ୍ରରେ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଓ ଅତିଥି।




## ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ବିରୋଧରେ ଧାରଣା

ପୁରୀ ଅଫିସ, ୨୩।୧୧:

କେନ୍ଦ୍ର ସରକାରଙ୍କ ଗରିବ ମାରଣ ନୀତି ଓ ରନ୍ଧନ ଗ୍ୟାସର ଦର ବୃଦ୍ଧିକୁ ବିରୋଧ କରି ବିଜୁ ମହିଳା ଜନତା ଦଳ ପୁରୀ ସଦର ବିଧାନସଭା ନିର୍ବାଚନମଣ୍ଡଳୀ ଶାଖା ପକ୍ଷରୁ ମଙ୍ଗଳବାର ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଗଣଧାରଣା ଦିଆଯାଇଥିଲା। ବିଜେଡି ମହିଳା ଜିଲା ସଭାନେତ୍ରୀ ଶାନ୍ତିଲତା ପ୍ରଧାନଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଥିଲା। ମୋଦି ସରକାର ଆଛେ ଦିନ ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିଲେ, ମାତ୍ର ଏବେ ଗରିବ ଲୋକଙ୍କ ପାଇଁ ମୋଦି ସରକାରଙ୍କ ନୀତି ବୋଝ ଉପରେ ନଳିତା ବିଡ଼ା ହୋଇଛି ବୋଲି ବିଜେଡି ନେତାମାନେ କହିଥିଲେ। ଦର ହ୍ରାସ ଦାବିରେ ସଦର ବିଡିଓଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ଏହି ଆନ୍ଦୋଳନରେ ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି, ନଗର ସଭାପତି ସବ୍ୟସାଚୀ ମହାପାତ୍ର, ସଦର ବ୍ଲକ୍ ସଭାନେତ୍ରୀ ସୁସ୍ମିତା ରଥ, ଦିପ୍ତିରେଖା ରାଉତରାୟ, ସତ୍ୟଭାମା ସାହୁ, ସୁଧାଂଶୁବାଳା ପ୍ରଧାନ, ରେଣୁବାଳା ମହାନ୍ତି, ସରସ୍ୱତୀ ପ୍ରଧାନ, ଅରୁଣିମା ନନ୍ଦ, ପୁଷ୍ପାଞ୍ଜଳି ରଣା ଏବଂ ଶିବାନୀ ବେହେରା ପ୍ରମୁଖ ସାମିଲ ଥିଲେ।




## ବିଜେଡିର ଧାରଣା

କାକଟପୁର/ବ୍ରହ୍ମଗିରି, ୨୩।୧୧(ଡି.ଏନ୍.ଏ.)

ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ କାକଟପୁର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ କାକଟପୁର ବ୍ଲକ ଆଗରେ ଧାରଣା ଦିଆଯାଇଛି। ବ୍ଲକ ଅଧ୍ୟକ୍ଷ ସ୍ୱାଧୀନ ନାୟକଙ୍କ ନେତୃତ୍ୱରେ ଶୋଭାଯାତ୍ରା ବାହାରି ଧାରଣାସ୍ଥଳରେ ପହଞ୍ଚିଥିଲା। ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବିଡିଓ ତୁଷାର ଜ୍ୟୋତିରଞ୍ଜନଙ୍କୁ ପ୍ରଦାନ କରାଯାଇଥିଲା। ଜ୍ୟୋତିର୍ମୟ ଦଳାଇ, କବିରାଜ ବିଶ୍ୱାଳ, ପ୍ରାଣକୃଷ୍ଣ ମଲ୍ଲିକ, ଅଭୟ ସେଠୀ, ରୋଶନ ବିଶ୍ୱାଳ ପ୍ରମୁଖ ସାମିଲ ଥିଲେ। ବ୍ରହ୍ମଗିରି ବିଜେଡି ତରଫରୁ ବ୍ରହ୍ମଗିରି ବ୍ଲକ ଆଗରେ ପ୍ରତିବାଦ ସଭା ହୋଇଥିଲା। ସଭାପତି ରାଧାକାନ୍ତ ସାହୁଙ୍କ ନେତୃତ୍ୱରେ ପ୍ରତିବାଦ ସଭା ହୋଇଥିଲା। ପରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରିଥିଲେ।









ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ୨୪ ନଭେମ୍ବର, ୨୦୨୧



**ଦାନାଦର ଖାଇ ଯୁବକ ମୃତ**

ଖୁଣ୍ଟୁଣୀ,(ଡି.ଏନ.ଏ.): ଦାନାଦର ଖାଇ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଜା ଆଠଗଡ଼ ଷ୍ଟେଶନ କଲୋନୀର ସେଖ୍ ମନସୁଦ୍(୨୨)ଙ୍କ ମୃତ୍ୟୁ ଘଟିଛି। ମନସୁଦ୍ ଓ ତାଙ୍କ ଭଉଣୀଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ କଳି ହୋଇଥିଲା। ପରେ ମନସୁଦ୍ ରାଗରେ ଦାନାଦର ଖାଇ ଦେଇଥିଲେ ବୋଲି ତାଙ୍କ ମା' ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଆଠଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୬/୨୧) ରୁଜୁ ହୋଇଛି।

## ସଂକ୍ଷେପରେ

### 'ଯୁଗ ପ୍ରବର୍ତ୍ତକ ଥିଲେ ନବକୃଷ୍ଣ ଚୌଧୁରୀ'

**କଟକ ଅଫିସ,୨୩।୧୧:** ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ଓ ଜାତୀୟ କବି ବୀରକିଶୋର ଦାସଙ୍କ ଜୟନ୍ତୀ ଉପଲକ୍ଷେ ଏକ ଆଲୋଚନା ସଭା କଟକସ୍ଥିତ ପ୍ରୋଜେକ୍ଟ ସ୍ୱରାଜ୍ୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାନଗର ନାଗରିକ ମଞ୍ଚର ଆବାହକ ଚିତ୍ତରଞ୍ଜନ ମହାନ୍ତି ଯୋଗଦେଇ କହିଥିଲେ, ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ବାସ୍ତବିକ ଜଣେ ଯୁଗ ପ୍ରବର୍ତ୍ତକ ଥିଲେ। ତାଙ୍କ କାର୍ଯ୍ୟକାଳରେ ଜମିଦାର ପ୍ରଥା ଉଚ୍ଛେଦ, ଭାଗଚାଷ ଆଇନ କାର୍ଯ୍ୟକାରୀ, ନିଶା ନିବାରଣ ଆଇନ, ଭାଷା ଆଇନ ପ୍ରଣୟନ କରି ଇତିହାସ ସୃଷ୍ଟି କରିଯାଇଛନ୍ତି। ସେହିପରି ଜାତୀୟ କବି ବୀରକିଶୋର ନିଜ ଲେଖନୀରେ ଦେଶପ୍ରେମର ଯେଉଁ ଅମୂଲ୍ୟ ସାହିତ୍ୟ ସୃଷ୍ଟି କରିଯାଇଛନ୍ତି ତାହା ଆଜି ସଂଗ୍ରାମୀଙ୍କ ପାଇଁ ପ୍ରେରଣାର ଉତ୍ସ ଓ ପ୍ରାସଙ୍ଗିକ ବୋଲି ମହାନ୍ତି କହିଥିଲେ। ଏହି ସଭାରେ ସତ୍ୟ ରାୟ, ଖଗେଶ୍ୱର ସେଠୀ, ଡଲି ଦାସ, ଧୀରେନ୍ଦ୍ର କୁମାର ପ୍ରତାପ, ଲକ୍ଷ୍ମୀଧର ମହାନ୍ତି, ଇନ୍ଦୁଭୂଷଣ ବେହେରା, ଅକ୍ଷୟ ରାଉଳ, ପ୍ରଭାତ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ସ୍ୱାଧୀନତା ସଂଗ୍ରାମରେ ବୀରକିଶୋରଙ୍କ ଭୂମିକା ଅତୁଳନୀୟ

**କଟକ ଅଫିସ,୨୩।୧୧:** ଜାତୀୟ କବି ବୀରକିଶୋର ସ୍ମୃତି ସଂସଦ ପକ୍ଷରୁ ଜାତୀୟ କବି ବୀରକିଶୋର ଦାସଙ୍କ ୧୨୩ତମ ଜୟନ୍ତୀ କଟକ ସାରଳା ଭବନଠାରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ସାହିତ୍ୟିକ ଡ. ସୁନାମଣି ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସ୍ୱାଧୀନତା ସଂଗ୍ରାମରେ ବୀରକିଶୋରଙ୍କ ଭୂମିକା ଅତୁଳନୀୟ। ସେ ଜଣେ ବିଶିଷ୍ଟ ଶିଶୁ ସାହିତ୍ୟିକ ସହ 'ମୋ ଦେଶ' ମାସିକ ଶିଶୁ ପତ୍ରିକାର ପ୍ରତିଷ୍ଠାତା ଥିଲେ ବୋଲି ରାଉତ କହିଥିଲେ। ସେହିପରି ମୁଖ୍ୟବକ୍ତା ଭାବେ ଡ. ବୈଜୟନ୍ତୀ ମିଶ୍ର ଯୋଗଦେଇ କହିଥିଲେ, ବୀରକିଶୋରଙ୍କ ରଚିତ ମୋହନବଂଶୀ, ରଣଦୁନ୍ଦୁଭି, ରଣଭେରୀ, ଅରି ଫେରିନାହିଁ ଯୁଦ୍ଧ ସରିନାହିଁ, ବିଦ୍ରୋହୀବୀଣା ପ୍ରଭୃତି ଗ୍ରନ୍ଥ ପ୍ରାକ ସ୍ୱାଧୀନତା କାଳରେ ଓଡ଼ିଶାରେ ମୁକ୍ତି ସଂଗ୍ରାମର ବହ୍ନି ଜାଳିଥିଲା। ସ୍ମୃତି ସଂସଦ ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡ. ଭାଗବତ ଶୁକ୍ଳ, ବଂଶୀଧର ରାଉତ, ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ, ନାଟ୍ୟକାର ସଞ୍ଜିତ ପଟ୍ଟନାୟକ, ଚୌଧୁରୀ ସତ୍ୟ ଦାସ, ଅଧ୍ୟାପକ ଡ. ବିରଞ୍ଚି କୁମାର ସାହୁ, ଲକ୍ଷ୍ମୀ ପ୍ରକାଶ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

### ବିଜେଡି କର୍ମୀ ସମ୍ମିଳନୀ

**କଣ୍ଟାପଡା,୨୩।୧୧(ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅନ୍ତର୍ଗତ ଝାରପଡାସ୍ଥିତ ଭଗବତୀ ପୀଠରେ ପଞ୍ଚାୟତସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନିଆଳି ବିଧାୟକ ଡା. ପ୍ରମୋଦ ମଲ୍ଲିକଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟ ଦଳର କର୍ମୀମାନେ ବିଜେଡିରେ ସାମିଲ ହୋଇଥିଲେ। ଏଥିରେ ବିଜେଡି ନେତା ବିମାନ ବିହାରୀ ବେହେରା, ବଳରାମ ପାତ୍ର, ନକୁଳ ରାଉତ, ପୀୟୂଷ ମିଶ୍ର, ସରପଞ୍ଚ ସୁବାସ ବିଶ୍ୱାଳ, ସମିତିସଭ୍ୟା ପ୍ରଗତୀ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସାହି ସମ୍ପାଦକଙ୍କ ପରଲୋକ

**କଟକ ଅଫିସ,୨୩।୧୧:** କଟକ ମଙ୍ଗଳାବାଗ ନାୟକସାହି ସମ୍ପାଦକ କୃଷ୍ଣଚନ୍ଦ୍ର ଦାଶ(୭୩)ଙ୍କର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ କିଛିଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ତାଙ୍କ ବିୟୋଗରେ ନାୟକସାହିର ସମସ୍ତ ଦୋକାନ ବନ୍ଦ ରହିଥିଲା। କାଳିଆବୋଦା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡପୁଅ ଦିଲୀପ କୁମାର ଦାଶ ମୁଖାଗ୍ନି ଦେଇଥିଲେ।

### ତାଲିମ ଶିବିର

**କଟକ ଅଫିସ,୨୩।୧୧:** ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏକ ତାଲିମ ଶିବିର ସ୍ଥାନୀୟ ମଧୁସୂଦନ ପ୍ରେକ୍ଷାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସୁରେଖା ସୁନ୍ଦରୀ ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ ରେଡ୍‌କ୍ରସର ରାଜ୍ୟ ସମ୍ପାଦକ ଡ. ଗୋପାଳକୃଷ୍ଣ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଶିବିରର ଆଭିମୁଖ୍ୟ ବିଷୟରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଯୁବ ରେଡ୍‌କ୍ରସ ଆବାହକ ଡ. ସସ୍ମିତା ପଟ୍ଟନାୟକ, ରେଡ୍‌କ୍ରସ ଅଧିକାରୀ ମେନକାରାଣୀ ସାହୁ, ମଧୁଲତା ସାହୁ, ଡ. ଗାୟତ୍ରୀ କର, ପଦ୍ମଜା ଜଗତୀ ପ୍ରମୁଖ ଉପସ୍ଥିତଥିଲେ।

# ନାଇଜେରିଆନ ଗ୍ୟାଙ୍ଗ୍ ସଦସ୍ୟ ଗିରଫ

**ଓକାକ୍ ସିଇଓଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ ଘଟଣାରେ ସମ୍ପୃକ୍ତି ସନ୍ଦେହ**

- ବେଙ୍ଗାଲୁରୁରୁ ଧରିଲା ଦିଲ୍ଲୀ ପୋଲିସ
- ପଚରାଉଚରା ପାଇଁ ଦିଲ୍ଲୀରେ ପହଞ୍ଚିଲା ଓଡ଼ିଶା କ୍ରାଇମବ୍ରାଞ୍ଚ ଟିମ୍

ଭୁବନେଶ୍ୱର,୨୩।୧୧(ବ୍ୟୁରୋ)

ସାଇବର ଠକେଇରେ ସମ୍ପୃକ୍ତ ନାଇଜେରିଆନ ଗ୍ୟାଙ୍ଗ୍‌ର ଆଉଜଣେ ସଦସ୍ୟଙ୍କୁ ଦିଲ୍ଲୀ ପୋଲିସ ବେଙ୍ଗାଲୁରୁରୁ ଗିରଫ କରିଛି। ସେ ହେଲେ ଉକୁଉଦିରି ପାଶ୍ଚାଲ (୪୦)। ଦିଲ୍ଲୀ ପୋଲିସ ତାଙ୍କୁ ୮ଦିନିଆ ରିମାଣ୍ଡରେ ନେଇ ଜେରା କରୁଛି। ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର (ଓକାକ୍)ର ସିଇଓ ତଥା ରାଜ୍ୟ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ ଆଇଟି ବିଭାଗର ଅତିରିକ୍ତ ସଚିବ ମନୋଜ କୁମାର ପଟ୍ଟନାୟକଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ କରି ୫ଜଣ ସମ୍ପର୍କୀୟଙ୍କଠାରୁ ୭ଲକ୍ଷ ଟଙ୍କା ଠକେଇ ଘଟଣାରେ ପାଶ୍ଚାଲଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ତାଙ୍କୁ ପଚରାଉଚରା ପାଇଁ ଓଡ଼ିଶା କ୍ରାଇମବ୍ରାଞ୍ଚର ୨ଜଣ ଟିମ୍ ମଙ୍ଗଳବାର ଦିଲ୍ଲୀରେ ପହଞ୍ଚିଥିବା ସୂଚନା ମିଳିଛି।

ପୂର୍ବରୁ ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ୍ ଚିମେଲିନ୍ ଇମାନୁଏଲ୍ ଆନିଏତାଲଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିଲା। ଉକୁଦିରି ତାଙ୍କ ସହଯୋଗୀ ବୋଲି କୁହାଯାଉଛି। ଏନେଇ କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି, ଦିଲ୍ଲୀ ପୋଲିସ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ଜଣକ ଓକାକ୍ ସିଇଓଙ୍କ ହ୍ୱାଟ୍ସଆପ୍ ହ୍ୟାକ୍ ଘଟଣାରେ ସମ୍ପୃକ୍ତ ଅଛନ୍ତି ବୋଲି ସନ୍ଦେହ କରାଯାଉଛି। ସେଥିପାଇଁ ଏକ ୨ଜଣିଆ ଟିମ୍‌କୁ ଦିଲ୍ଲୀ ପଠାଯାଇଛି। ଉକ୍ତ ଟିମ୍ ଏନେଇ ସୂଚନା ଦେଲେ ଗଣମାଧ୍ୟମକୁ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୦ତାରିଖରେ ଏକ ଅଜଣା ନମ୍ବରରୁ ମନୋଜଙ୍କ ଫୋନ୍‌କୁ ଏକ କଲ୍ ଆସିଥିଲା। ହେଲେ ୩୦ ସେକେଣ୍ଡ ଧରି କେହି କିଛି ନ କହିବାରୁ ସେ ଉକ୍ତ କଲ୍‌କୁ କାଟି ଦେଇଥିଲେ। ପରେ ମନୋଜଙ୍କ ୫ଜଣ ସମ୍ପର୍କୀୟଙ୍କୁ ଫୋନ୍ କରି ଟଙ୍କା ମାଗି ନେଇଥିଲେ। ତଦନ୍ତ ସମୟରେ ହ୍ୱାଟ୍ସଆପ୍ ହ୍ୟାକ୍ କରାଯାଇଥିବା ଜାଣିବାକୁ ମିଳିଥିଲା। ଏନେଇ ଶହୀଦନଗର ଥାନାରେ ଅଭିଯୋଗ ହୋଇଥିଲା। କ୍ରାଇମ୍‌ବ୍ରାଞ୍ଚ ନିଜ ଆଡୁ ମାମଲା (ନଂ.୨୫/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଅତିରିକ୍ତ ଶାସନ ସଚିବ

ବାଙ୍କୀ,୨୩।୧୧(ସ୍ୱ.ପ୍ର.)

ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ଶାସନ ସଚିବ ମହେଶ ଚନ୍ଦ୍ର ସ୍ୱାଇଁ ମଙ୍ଗଳବାର ବାଙ୍କୀ ଗସ୍ତରେ ଆସିଥିଲେ। ସେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶନ୍ତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍ଆରଇଜିଏସ୍)ରେ ହୋଇଥିବା ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ସେ ପ୍ରଥମେ ସୁବର୍ଣ୍ଣପୁର ପଞ୍ଚାୟତର ଘୋଡାବର ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ସେଠାରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟ ବୁଲି ଦେଖିଥିଲେ। ଏହାପରେ ଓସ୍ତିଆ ପଞ୍ଚାୟତରେ ପହଞ୍ଚି ଫୁଲବାଡିରେ ନିର୍ମାଣ ହେଉଥିବା ପାର୍କ କାର୍ଯ୍ୟର ସମୀକ୍ଷା କରିଥିଲେ । ପରିଶେଷରେ ଅଶ୍ରୁପା ହ୍ରଦ ପରିଦର୍ଶନ କରି ସେଠାରେ ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ତାଙ୍କର ଏହି ଗସ୍ତ ସମୟରେ ବିଡିଓ ପ୍ରଦୀପ୍ତ କୁମାର ଶତପଥୀ, ମାନସୀ ମଧୂଆଲା, ସତ୍ୟବ୍ରତ ସ୍ୱାଇଁ ଓ ଇତିଶ୍ରୀ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

**ମରଣଯନ୍ତା ପାଲଟିଛି ମହାନଦୀର ବାମ ପାର୍ଶ୍ୱ ବନ୍ଧ**

ନିଶ୍ଚିନ୍ତକୋଇଲି,୨୩।୧୧(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ଉତ୍ତରକୂଳ ପଞ୍ଚାୟତ ଦେଇ ପ୍ରବାହିତ ମହାନଦୀର ବାମ ପାର୍ଶ୍ୱବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି। ମାତ୍ର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ପ୍ରତିବାଦରେ ମଙ୍ଗଳବାର ଉତ୍ତରକୂଳ ପଞ୍ଚାୟତବାସୀ ପିଁପୁରଠାରେ ବାଉଁଶ ବାନ୍ଧି ରାସ୍ତା ଅବରୋଧ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପୁଦାଲୋ ଜଳ ସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଏହି ରାସ୍ତା ରହିଛି। କିଶନନଗର ତହସିଲ ଭିତରେ ଥିବା ଏହି ରାସ୍ତା ଉପରେ ଉତ୍ତରକୂଳ, ବାବୁଜଙ୍ଗ, ପାଳଦା, ମଣିଜଙ୍ଗ ଓ ମହମ୍ମଦପୁର ଆଦି ପଞ୍ଚାୟତର ଲୋକେ ନିର୍ଭରଶୀଳ। ତେବେ ବିଭିନ୍ନ ସମୟରେ ସ୍ଥାନୀୟ ମହାନଦୀରୁ ବାଲି ମାଫିଆମାନେ ଟ୍ରକ, ଟ୍ରାକ୍ଟର ଓ ହାଇୱା ଯୋଗେ ବାଲି ଚୋରା ଚାଲାଣ କରୁଛନ୍ତି। ଫଳରେ ନଦୀର ବାମ ପାର୍ଶ୍ୱବନ୍ଧ ବିପଦ ସଙ୍କୁଳ ହୋଇପଡ଼ିଛି। ଭାରିଯାନ ଚଳାଚଳ ଯୋଗୁ ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଏଥିଯୋଗୁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ଏପରିକି ଏହି ରାସ୍ତାରେ ଚାଲି କରି ଯିବା ମଧ୍ୟ କଷ୍ଟକର ହୋଇପଡ଼ିଛି। ଜରୁରୀକାଳୀନ ପରିସ୍ଥିତିରେ ରାସ୍ତା ଦେଇ ଦମକଳ ଗାଡ଼ି କିମ୍ବା ଆମ୍ବୁଲାନ୍ସ ଆସିପାରୁନାହିଁ। ରାସ୍ତାକୁ ମରାମତି କରିବାକୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଗମନା ଗମନ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ମାହାଳ ହାଟ ଫାଣ୍ଡି ଅଧିକାରୀ ଓ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା।


ଉତ୍ତ୍ୟକ୍ତଲୋକେ ପିଁପୁରଠାରେ ରାସ୍ତାରୋକୋ କରିଛନ୍ତି।

## ୨୬ରେ ଗ୍ଲୋବାଲ କନ୍‌କ୍ଲେଭ: ଯୋଗଦେବେ ମୁଖ୍ୟମନ୍ତ୍ରୀ

**୨୭ରେ ରାଜ୍ୟପାଳଙ୍କ ଭର୍ଚୁଆଲ କାର୍ଯ୍ୟକ୍ରମ**

କଟକ ଅଫିସ, ୨୩।୧୧

୭୫ ବର୍ଷର ଗୌରବମୟ ଗାଥାକୁ ସ୍ମରଣ କରି କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ ପ୍ଲାଟିନମ୍ ଜୁବୁଲି(୭୫ ଫର ୭୫) ପାଳନ କରୁଛି। ଏହି ଅବସରରେ ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଏସ୍‌ସିବି ପକ୍ଷରୁ ଗ୍ଲୋବାଲ କନକ୍ଲେଭ ଅନୁଷ୍ଠିତ ହେବ। ୨୬ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ର ଭର୍ଚୁଆଲରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସହମତି ପ୍ରଦାନ କରାଯାଇଛି। ସେହିପରି ୨୭ ତାରିଖରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଗଣେଶୀ ଲାଲ ଭର୍ଚୁଆଲରେ ଯୋଗଦେବା ପାଇଁ କାର୍ଯ୍ୟାଳୟ ପକ୍ଷରୁ ସହମତି ପ୍ରକାଶ ପାଇଛି। ଏହି କନ୍‌କ୍ଲେଭ ମାଧ୍ୟମରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଡାକ୍ତର, ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିଙ୍କ ଦିଗ୍‌ଦର୍ଶନକୁ ଏସ୍‌ସିବିର ସାମଗ୍ରିକ ବିକାଶରେ ବିନିଯୋଗ କରାଯିବ। ଆଗାମୀ ୨୫ ବର୍ଷ ମଧ୍ୟରେ ଏସ୍‌ସିବିକୁ କିପରି ବିଶ୍ୱସ୍ତରୀୟ ଭାବେ ଗଢି ତୋଳାଯାଇ ପାରିବ ସେଥିପାଇଁ ପ୍ଲାଟିନମ୍ ଜୁବିଲି ଏକ ସୁଦୃଢ ମଞ୍ଚ ବୋଲି ଶୁକ୍ରବାର ଏସ୍‌ସିବି ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ସିବି ମେଡିକାଲ କଲେଜର ଡିନ୍ ପ୍ରଫେସର ଦଣ୍ଡେଶ୍ୱର ହୋତା ସୂଚନା ଦେଇଛନ୍ତି । ଏଥିରେ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଲୁସି ଦାସ, ରଜତ ଜୟନ୍ତୀ ଉତ୍ସବ ପାଳନ କମିଟି ଆବାହକ ପ୍ରଫେସର ନିର୍ମଳ ଚନ୍ଦ୍ର ମହାପାତ୍ର, ଏସ୍‌ସିବି ଆଲୁମ୍‌ନି ସଂଘ ସମ୍ପାଦକ ଶିଭରାମ ସିଂହ, ମିଡିଆ କମିଟି ଯୁଗ୍ମ ଆବାହକ ତଥା ଏସ୍‌ସିବି ଜରୁରିକାଳୀନ ଅଧିକାରୀ ଡା. ଭୁବନାନନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ।

**ଦ. ପୂ. ରେଳପଥ - ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଆର୍‌ଏସ୍‌ଓ-ସିକେପି-ଆର୍‌ଆର୍-ଜେଆର୍‌ଏଲ୍‌ଆଇ-୧୩, ତାରିଖ: ୨୨।୧୧।୨୦୨୧ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଲେକ୍ଟ୍ରିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ "ଦୁଇ ପ୍ୟାକେଟ୍ ପ୍ରଣାଳୀ" (ପ୍ୟାକେଟ୍-।: ଟେକ୍ନିକାଲ୍ ବିଡ୍ ଏବଂ ପ୍ୟାକେଟ୍-।।: ଫାଇନାନ୍ସିଆଲ ବିଡ୍)ରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି ମାନୁଆଲ ଅଫରଗୁଡ଼ିକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ୧୦୯୬ ଦିନ ପାଇଁ ଜାରୋଲିଠାରେ ରନିଂ ରୁମ୍ ଏବଂ କ୍ରିଉ ଓ ଗାର୍ଡ ଲବିର ଦେଖାରଖା । **ଟେଣ୍ଡର ମୂଲ୍ୟ:** ₹୧,୭୪,୦୬,୩୧୮.୪୬ । **ଇଏମ୍‌ଡି:** ଶୂନ୍ୟ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୫,୦୦୦/- । **ଇ-ଟେଣ୍ଡର ଖୋଲାଯିବା ସ୍ଥାନ:** ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଓପି)/ଚକ୍ରଧରପୁର, ଏସ୍.ଇ.ରେଳପଥ । **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** ତା୧୫।୧୨।୨୦୨୧ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** ତା୧୫।୧୨।୨୦୨୧ରିଖ ୧୫.୩୦ ଘଟିକା । ଇ-ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-।।। ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । ଇ-ଟେଣ୍ଡରିଂରେ କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରରେ ଭାଗ ନେବା ସମୟରେ ସମସ୍ତ ଆବଶ୍ୟକ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । (PR-434)

## ଗଣାବଜା, ଦେଶିଆ ନାଟରେ ଝୁମିଲେ ଦର୍ଶକ

ଭୁବନେଶ୍ୱର ୨୩।୧୧

ଲୋକକଳାର ପ୍ରଚାର ଓ ପ୍ରସାର ପାଇଁ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମଙ୍ଗଳବାର 'ଆମ ଲୋକକଳା ଆମ ସଂସ୍କୃତି' କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ଜିଲା ପଦମପୁରର ସଙ୍ଗୀତ ସମିତିର କଳାକାରଙ୍କ ଗଣାବଜା ଓ ରାୟଗଡ଼ା ଜିଲାର ଲୋକକଳା ଗ୍ରାମ ଗେଟିପଡ଼ାର ମା' ସନ୍ତୋଷୀ କଳା ପ୍ରତିଷ୍ଠାନ ପକ୍ଷରୁ ଦେଶିଆ ନାଟ ମନ ମୋହିଥିଲା। ଦର୍ଶକମାନେ ବଜା ଓ ନୃତ୍ୟର ତାଳେ ତାଳେ ଝୁମି ଉଠିଥିଲେ।

କାର୍ଯ୍ୟକ୍ରମରେ ଘୋଡ଼ାନାଚ ବିଶାରଦ ପଦ୍ମଶ୍ରୀ ଉଚ୍ଛବ ଦାସ, ଓଡିଶୀ ନୃତ୍ୟରେ ଓଡିଶାରୁ ଡକ୍ଟରେଟ ଡିଗ୍ରୀ ହାସଲ କରିଥିବା ପ୍ରଥମ ମହିଳାଚନ୍ଦନା ରାଉଳ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ରାଜ୍ୟ ପ୍ରକଳ୍ପ ସଂଯୋଜକ ବାସୁଦେବ ମାଳବିଶୋଇ, ରାଜ୍ୟ କଳାକାର ସଂଘ ଉପସଭାପତି ଅବନୀ ମିଶ୍ର ଅତିଥି ରୂପେ ଯୋଗ ଦେଇଥିଲେ। ପଦ୍ମଶ୍ରୀ ଦାସ ଓଡ଼ିଶାର ଲୋକକଳା ଓ କଳାକାରଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବାରେ ରାଜ୍ୟ ସରକାର ନେଉଥିବା ପଦକ୍ଷେପର ଭୂୟସୀ ପ୍ରଶଂସା କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଅନନ୍ୟ କଳାରେ ପରିପୁଷ୍ଟ ଥିବା କଳାକାରଙ୍କୁ ଆଉ ବଣମଲ୍ଲୀ ରୂପେ ସେହି ବଣରେ ସୀମିତ ହୋଇ ରହିବାକୁ ଦିଆଯିବ ନାହିଁ ବୋଲି ନିର୍ଦ୍ଦେଶକ ଦାସ କହିଥିଲେ।



କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## 'ମହାମାରୀରେ ୮୦ କୋଟି ନାଗରିକଙ୍କୁ ଚାଉଳ ଯୋଗାଇଛି ଏଫ୍‌ସିଆଇ'

କଟକ ଅଫିସ, ୨୩।୧୧

ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) କଟକ ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ କୋଭିଡ୍ ମହାମାରୀ ସମୟରେ ରାଜ୍ୟକୁ ସୁଚାରୁରୂପେ ଖାଦ୍ୟ ଯୋଗାଇ ଦେଇଥିବାରୁ ଏଫ୍‌ସିଆଇକୁ ପ୍ରଶଂସା କରିଥିଲେ। ବର୍ତ୍ତମାନ ସମସ୍ତ ନାଗରିକ ଆତ୍ମନିର୍ଭରଶୀଳ ହୋଇ ଦେଶ ଅଗ୍ରଗତି ପାଇଁ ଆଗକୁ ବଢ଼ିବାର ସମୟ ଆସିଛି ବୋଲି ମୋକିମ କହିଥିଲେ। ସେହିପରି ଏଫ୍‌ସିଆଇ ମଣ୍ଡଳ ପ୍ରବନ୍ଧକ ସୁଶାନ୍ତ କୁମାର ମୁଦୁଲି କହିଥିଲେ, ଏଫ୍‌ସିଆଇ ମହାମାରୀ ସମୟରେ ୮୦ କୋଟି ଭାରତୀୟ ନାଗରିକଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ରେ ବିନା ମୂଲ୍ୟରେ ଚାଉଳ ଓ ଗହମ ବଣ୍ଟନ କରିଛି। ଦେଶରେ ପ୍ରାୟ ୬୩୦୫୧ ହଜାର ମେଟ୍ରିକ ଟନ୍ ଖାଦ୍ୟ ପଞ୍ଜାବ, ହରିୟାଣା, ମଧ୍ୟପ୍ରଦେଶ, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ ଆଦି ରାଜ୍ୟରୁ ଅନ୍ୟ ନିଆଣ୍ଟିଆ ରାଜ୍ୟଗୁଡିକୁ ପଠାଇ ରେକର୍ଡ ସୃଷ୍ଟି କରିଛି। ଭାରତ ସରକାର ଓ ଏଫ୍‌ସିଆଇ ଫର୍ଟିଫାଏଡ୍ ଚାଉଳ ଏମ୍‌ଡିଏମ୍ ଓ ଆଇସିଡିଏସ୍ ଯୋଜନା ମାଧ୍ୟମରେ ବିତରଣ କରିବ। ଫର୍ଟିଫାଏଡ୍ ଚାଉଳରେ ଆଇରନ୍, ଭିଟାମିନ୍ ବି-୧୨ ଏବଂ ଫୋଲିକ୍ ଏସିଡ୍ ରହିଛି। ଏହା ପିଲାଙ୍କ ମାନସିକ ଓ ଶାରୀରିକ ବୃଦ୍ଧିରେ ସହାୟକ ହେବ ବୋଲି ମୁଦୁଲି କହିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଏଡିଏମ୍ ବିଜୟ କୁମାର ଖଣ୍ଡାୟତରାୟ ଏବଂ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ତୁଷାରକାନ୍ତି ଦେଓ ଯୋଗ ଦେଇଥିଲେ। ଏଫ୍‌ସିଆଇର ବରିଷ୍ଠ ଅଧିକାରୀ କୃଷ୍ଣଚନ୍ଦ୍ର ମଲ୍ଲିକ ସଭା ପରିଚାଳନା କରିଥିଲାବେଳେ ଦିଲୀପ ଭୋଳ, ଇନ୍ଦ୍ର ସିଂ ମୀନା, ହେମନ୍ତ ବେହେରା, ଶୈଳେନ୍ଦ୍ର ମହାପାତ୍ର, ରାଜେଶ କୁମାର ବାରିକ ସହଯୋଗ କରିଥିଲେ। ଅନୁ କୁମାରୀ ଧନ୍ୟବାଦ ଦେଇଥିଲେ।



**ଛାତ୍ରୀଙ୍କୁ ଅପହରଣ, ୨ ଗିରଫ**

**କଟକ ଅଫିସ:** ଜଣେ କଲେଜ ଛାତ୍ରୀଙ୍କୁ ଅପହରଣ କରିବା ଅଭିଯୋଗରେ ମାଲଗୋଦାମ ଥାନା ପୋଲିସ ଏକ ଫାଇନାନ୍ସ ସଂସ୍ଥାର ୨ କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ, ଦରଘାବଜାରର ସେକ ଅସଲମ ଓ ସେକ ସରିଫ। ରେଭେନ୍ସା ବିଶ୍ୱବିଦ୍ୟାଳୟରେ ପଢୁଥିବା ଛାତ୍ରୀ ଗତ ୧୫ ତାରିଖ ସକାଳେ ଏକ ସ୍କୁଟିରେ ଯୋବ୍ରା ଆନିକଟ ଦେଇ ଯାଉଥିଲେ। ଏତିକିବେଳେ ଉକ୍ତ ୨ ଯୁବକ ବାଇକ୍‌ରେ ଆସି ତାଙ୍କୁ ଅଟକାଇ ଗାଡ଼ିର କିସ୍ତି ବାକି ଅଛି କହି ଫାଇନାନ୍ସ କମ୍ପାନୀକୁ ଯିବାକୁ କହିଥିଲେ। ହେଲେ ତାଙ୍କୁ ଚଣ୍ଡିଛକ ଅଞ୍ଚଳକୁ ନେଇ ଗାଡି ଛଡାଇ ନେଇ ପଳାଇଥିଲେ। ଏ ନେଇ ଛାତ୍ରୀ ଥାନାରେ ଦ୍ୱାରସ୍ଥ ହେବା ପରେ ପୋଲିସ ତଦନ୍ତ କରି ୨ଜଣଙ୍କୁ ଗିରଫ କରିଛି।

## ଫାର୍ମାସୀ ଛାତ୍ରୀଙ୍କ ମୃତ୍ୟୁ ଘଟଣା: ଯୁବକ କୋର୍ଟ ଚାଲାଣ

**ସାଲେପୁର,୨୩।୧୧(ଡି.ଏନ.ଏ)**

ସାଲେପୁର ବ୍ଲକ ଅନ୍ତର୍ଗତ ବାରିଗୋଳ ପଞ୍ଚାୟତ ସୁନଖଣ୍ଡି ଗ୍ରାମର ଫାର୍ମାସୀ ଛାତ୍ରୀ ସ୍ୱୟଂପ୍ରଭା ବେହେରାଙ୍କ ମୃତ୍ୟୁ ଘଟଣାରେ ଗିରଫ ହୋଇଥିବା ଯୁବକଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ସିଦ୍ଧାର୍ଥ ଶେଖର ରାଉତ ଓରଫ ସିପୁନ(୨୭)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଶିଶୁଆ ସବ୍‌ଜେଲକୁ ପଠାଇ ଦିଆଯାଇଛି। ସ୍ୱୟଂପ୍ରଭା (ଲିପି) ନଭେମ୍ବର ୯ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏନେଇ ମୃତକଙ୍କ ଦାଦା ନିରଞ୍ଜନ ଦାସ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ଅପମୃତ୍ୟୁ ମାମଲା (ନଂ. ୨୬/୨୧) ରୁଜୁ କରିଥିଲା। ପରବର୍ତ୍ତୀ ସମୟରେ ସ୍ୱୟଂପ୍ରଭାଙ୍କ ବାପା ପ୍ରହଲ୍ଲାଦ ଘର ଭିତରୁ ଝିଅର ଏକ ସୁଇସାଇଡ ନୋଟ୍ ପାଇ ଥାନାରେ ଅନ୍ୟ ଏକ ଅଭିଯୋଗ କରିଥିଲେ। ଉକ୍ତ ନୋଟରେ ସିପୁନ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ଉଲ୍ଲେଖ ରହିଥିଲା। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୩୧୯/୨୧) ରୁଜୁ କରି ସିପୁନଙ୍କୁ ଗିରଫ କରିଛି।

# ନବକୃଷ୍ଣ ଥିଲେ ନିଷ୍ପେଷିତଙ୍କ ପ୍ରକୃତ ବନ୍ଧୁ

### ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ

**ଭୁବନେଶ୍ୱର,୨୩।୧୧(ବ୍ୟୁରୋ)**

ମହାନ୍ ବିପ୍ଲବୀ, ବିଶିଷ୍ଟ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଥିଲେ ଜଣେ ନିଷ୍ଠାପର କର୍ମୀ। ଓଡିଶାର ଦରିଦ୍ର, ଅବହେଳିତ ଓ ନିଷ୍ପେସିତ ବର୍ଗଙ୍କ ପ୍ରକୃତ ବନ୍ଧୁ। ସେ ସମ୍ଭ୍ରାନ୍ତ ଓ ଜମିଦାର ବଂଶର ହୋଇଥିଲେ ମଧ୍ୟ ସମାଜର ମୂଲିଆ ଓ ଦଳିତ ଲୋକଙ୍କ ପାଇଁ ସଂଗ୍ରାମ କରିଥିଲେ। ତାଙ୍କ ଆଦର୍ଶ ଓ ମାନବୀୟ ଗୁଣର ମୂଲ୍ୟବୋଧକୁ ବୁଝି ଆଜିର ଯୁବପିଢି ରାଜ୍ୟ ଓ ଦେଶର ବିକାଶ ପାଇଁ ବ୍ରତୀ ହେବାକୁ ଅତିଥିମାନେ କହିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନଠାରେ ରାଜ୍ୟସ୍ତରୀୟ ନବକୃଷ୍ଣ ଚୌଧୁରୀ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ କହିଲେ, ନବକୃଷ୍ଣ କଠୋର ଜୀବନଶୈଳୀ, ନିଷ୍ଠା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ସେ ମାନବବାଦୀ ଓ ଦରିଦ୍ର ଲୋକଙ୍କ ହୃଦୟକୁ ଚିହ୍ନିବାରେ ସକ୍ଷମ ହୋଇପାରିଥିଲେ। ସମ୍ମାନିତ ଅତିଥି ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଯୋଗଦେଇ କହିଲେ, ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ଓଡିଶାର ମୁଖ୍ୟମନ୍ତ୍ରୀ ଦାୟିତ୍ୱ ତୁଲାଇଥିବା ନବକୃଷ୍ଣ ଚୌଧୁରୀ ପ୍ରଜାବତ୍ସଳ ଥିଲେ। ଆମେମାନେ ତାଙ୍କୁ ସ୍ମରଣ କରି ଦେଶ ଓ ଜାତି ପାଇଁ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଡ. ମହାନ୍ତି କହିଥିଲେ। ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ତଥା ସ୍ତମ୍ଭକାର ଡ. ଜୟନ୍ତୀ ରଥ କହିଲେ, ଗାନ୍ଧୀ ଓ ଆଚାର୍ଯ୍ୟ ବିନୋବା ଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନବକୃଷ୍ଣ ଚୌଧୁରୀ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ। ଜମିଦାରି ପ୍ରଥା ଉଚ୍ଛେଦ, ସାମ୍ୟବାଦ ଧାରା ପ୍ରଚଳନଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରିତ୍ୱ କାଳରେ ରାଜ୍ୟର ବିଭିନ୍ନ ଉନ୍ନତି ସହ ନିଜ ଜୀବନରେ ସେବା ଓ ସାଧନାକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲେ ବୋଲି ସେ ପ୍ରକାଶ କରିଥିଲେ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିରିକ୍ତ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡା ଧନ୍ୟବାଦ ଦେଇଥିବାବେଳେ ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ବିଧାୟକ ଅମର ପ୍ରସାଦ ଶତପଥୀ ଓ ଅନ୍ୟମାନେ।

# ଆଜି ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ,୨୩।୧୧**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିବେ। ଏଥିସହ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗଦେବେ। ସେହିପରି ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେବେ। ଏହି ଅବସରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଜମି ଦେଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯିବା ସହ ପରିକ୍ରମା ପ୍ରକଳ୍ପର ଏକ ମଡେଲ ଅନାବରଣ ହେବ ବୋଲି ମଙ୍ଗଳବାର ଓଡ଼ିଶା ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ ଏଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଯଜ୍ଞଶାଳାରେ ମଙ୍ଗଳବାର ସକାଳେ ସୂର୍ଯ୍ୟପୂଜା, ଗୋପୂଜା ନୀତି, ଅଗ୍ନିପୂଜା ଆଦି ସମ୍ପନ୍ନ ହୋଇଛି। ସେହିପରି ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ୬ଟା ମଧ୍ୟରେ ଶିଳାସ୍ନାନ ଓ ଯଜ୍ଞ ଆଦି ଅନୁଷ୍ଠିତ ହୋଇଛି। ବୁଧବାର ସକାଳ ୭ରୁ ୯ଟା ୩୦ ପର୍ଯ୍ୟନ୍ତ ସୂର୍ଯ୍ୟପୂଜା, ଅଗ୍ନିପୂଜା ତଥା ଯଜ୍ଞବିଧି ହେବ। ପୂର୍ବାହ୍ନ ୯ଟା ୪୫ରୁ ୧୦ଟା ମଧ୍ୟରେ ଶିଳା ବିଜେ ହେବ। ୧୦ଟା ୧୫ରୁ ୧୦ଟା ୩୦ ମଧ୍ୟରେ ଶିଳା ସ୍ଥାପନ ଓ ପୁଷ୍ପାଞ୍ଜଳି ଦିଆଯିବ। ଶେଷରେ ଯଜ୍ଞର ପୂର୍ଣ୍ଣାହୁତି ହେବ। ଏହାପରେ ମୁଖ୍ୟମନ୍ତ୍ରୀ ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ କରିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ପ୍ରଶାସନ ପକ୍ଷରୁ ଗତ ୨୧ ତାରିଖରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଶ୍ରୋତ୍ରିୟ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା ଓ ହୋମଯଜ୍ଞ ଚାଲିଛି। ୨୪ ତାରିଖ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଗଜପତି ମହାରାଜା ଦିବ୍ୟସିଂହ ଦେବ ଯୋଗଦେବା ନେଇ ପ୍ରସ୍ତୁତ ହୋଇଥିବା ଖସଡ଼ା ମୁତାବକ କାର୍ଯ୍ୟକ୍ରମକୁ ପରିଚାଳିତ କରାଯାଉଛି। ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ସେହିପରି ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପ୍ରାୟ ୨୫ ପ୍ଲାଟୁନ୍ ପୋଲିସ ଫୋର୍ସ, ୩ଜଣ ଅତିରିକ୍ତ ଏସ୍‌ପି, ୧୦ ଜଣ ଡିଏସ୍‌ପି, ୪୦ ଜଣ ଇନ୍ସପେକ୍ଟର ଓ ଶହେରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିବେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। କିଛି ସମୟ ପାଇଁ ବଡ଼ଦାଣ୍ଡକୁ ନୋ ମ୍ୟାନ୍ ଲ୍ୟାଣ୍ଡରେ ପରିଣତ କରିବାକୁ ନିଷ୍ପତ୍ତି ନିଆଯାଇଥିବାବେଳେ ଶ୍ରଦ୍ଧାଳୁଙ୍କ ଦର୍ଶନ ବ୍ୟବସ୍ଥା ଯେଉଁଭଳି ଭାବେ ବାଧାପ୍ରାପ୍ତ ନ ହୁଏ, ସେନେଇ ବ୍ୟବସ୍ଥା ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ବଡ଼ଦାଣ୍ଡରେ ମଧ୍ୟ କଟକଣା ରହିବ। ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଡାକ୍ତରଖାନା ଛକଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ସମସ୍ତ ଦୋକାନ ବଜାର ବନ୍ଦ ରହିବ।


ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ ସୂଚନା ଦେଉଛନ୍ତି।




## ଜିଲା କୋର୍ଟରେ ହାଜର ହେଲେ ଧଳସାମନ୍ତ ଭ୍ରାତା

### ଦୀପୁ, ଓମ୍ ହତ୍ୟା ମାମଲା

**କଟକ ଅଫିସ,୨୩।୧୧:** କଟକର ଦୀପୁ, ଓମ୍ ହତ୍ୟା ମାମଲାର ଶୁଣାଣି ପାଇଁ ମଙ୍ଗଳବାର କଡା ସୁରକ୍ଷା ମଧ୍ୟରେ କଟକ ଜିଲା ଓ ଦୌରାଜଜଙ୍କ କୋର୍ଟରେ ଗ୍ୟାଙ୍ଗଷ୍ଟର ସୁଶୀଲ ଧଳସାମନ୍ତ ଓ ସୁଶାନ୍ତ ଧଳସାମନ୍ତଙ୍କୁ ହାଜର କରାଯାଇଛି। ଏଥିସହ ଝାଡ଼ଖଣ୍ଡର ଜଣେ ପୋଲିସ ଅଧିକାରୀ ଓ ଜଣେ ସାଧାରଣ ବ୍ୟକ୍ତି ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ବୁଧବାର ଏହି ମାମଲାର ପରବର୍ତ୍ତୀ ଶୁଣାଣି ରହିଛି। ଏହି ଶୁଣାଣିରେ ଉପରୋକ୍ତ ୨ ମୃତକଙ୍କ ଶବ ବ୍ୟବଚ୍ଛେଦ କରାଇଥିବା ଝାଡ଼ଖଣ୍ଡ ପଶ୍ଚିମି ସିଂହଭୂମ ଜିଲା ଗୁଆ ଅଞ୍ଚଳର ଡାକ୍ତର ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିବା ସମ୍ଭାବନା ରହିଛି ବୋଲି ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।




## ମଦ ଜବତ, ୪ ଗିରଫ

**ଆଠଗଡ,୨୩।୧୧(ସ୍ୱ.ପ୍ର.)**

ଆଠଗଡ଼ ଅବକାରୀ ବିଭାଗ ତରଫରୁ ସ୍ଥାନୀୟ ଥାନା ଅନ୍ତର୍ଗତ ଜେନାପଦା, ମାରୁଗୋଠ ଓ ବାଙ୍କୀ ବ୍ଲକ ସରଣ୍ଡା ଫାଣ୍ଡି ଅଞ୍ଚଳର ଢେଙ୍ଗୁଆ, ବାଉଁଶପୁଟ ଆଦି ସ୍ଥାନରେ ଚଢାଉ କରାଯାଇ ମୋଟ ୨୨୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ଅଭିଯୋଗରେ ଜେନାପଦାର ସନ୍ତୋଷ ଶତପଥୀ, ଜାଗିଆପଡ଼ାର ବିଭୂତି ପ୍ରଧାନ, ବାଙ୍କୀ ବ୍ଲକ ଢେଙ୍ଗୁଆ ଗ୍ରାମର ସୁଶାନ୍ତ କୁମାର ରାଉତ ଓ ବାଉଁଶ ପୁଟର ରମେଶ ରାଉତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏଥିସହ ଏକ ହୋଣ୍ଡା ଆକ୍ଟିଭା ଗାଡ଼ିକୁ ମଧ୍ୟ ଜବତ କରାଯାଇଛି। ଆଠଗଡ଼ ଅବକାରୀ ନିରୀକ୍ଷକ ପ୍ରଭାସ ଚୌଧୁରୀଙ୍କ ନେତୃତ୍ୱରେ ଏହି ଚଢ଼ାଉରେ ଆଠଗଡ଼ ଅବକାରୀ ଉପନିରୀକ୍ଷକ ବିଜୟ କୁମାର ଓ ନରସିଂହପୁର ଉପ ନିରୀକ୍ଷକ ଦେବାନନ୍ଦ ଭୂୟାଁ ପ୍ରମୁଖ ସାମିଲ ହୋଇଥିଲେ।







